## ସଂକ୍ଷେପରେ

### ପରିବାର ନିୟୋଜନ ସଚେତନତା ରଥ



**କୋକସରା,୧୬।୭(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ସଚେତନତା ପକ୍ଷ ୧୧ ଜୁଲାଇରୁ ୨୪ ପର୍ଯ୍ୟନ୍ତ ସ୍ଥିରତା ପକ୍ଷ ପାଳନ ହେଉଛି। ଏହିକ୍ରମରେ ଶନିବାର କଳାହାଣ୍ଡି ଜିଲା କୋକସରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ, ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ପରିବାର ନିୟୋଜନ ସଚେତନତା ପାଇଁ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ ସଚେତନତା ରଥ ଉଦଘାଟନ କରିଛନ୍ତି। ଏହି ରଥ କୋକସରା ବ୍ଲକର ୨୨ ପଞ୍ଚାୟତ ପରିକ୍ରମା କରି ପରିବାର ନିୟୋଜନ ଉପରେ ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କେତନ ପାତ୍ର, ବିପିଏମ ସୁରଜିତ ସିଂ କୁମାର, ଫାର୍ମାସିଷ୍ଟ ସୁଧୀର ଧ. ମାଝି, ଭିବିଡିଟିଏସ ଦୁଷ୍ମନ୍ତ ରାଉତ, ସ୍ୱାସ୍ଥ୍ୟ ପରିଦର୍ଶକ ନିଲମଣି ଖମାରି, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀମାନେ ଉପସ୍ଥିତ ଥିଲେ।

### ଜିଲାର ୩ ପୋଲିସ ଅଧିକାରୀଙ୍କୁ ପଦୋନ୍ନତି

**ନୂଆପଡ଼ା,୧୬।୭(ମକାରୁ ବେମାଲ):** ନୂଆପଡା ଜିଲାରେ କାର୍ଯ୍ୟରତ ୩ ପୋଲିସ ଅଧିକାରୀଙ୍କ ପଦୋନ୍ନତି ହୋଇ ଅନ୍ୟ ଜିଲାର ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ସଦର ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଡେପୁଟି ଏସ୍‌ପି ସ୍ୱତନ୍ତ୍ର ବ୍ରାଞ୍ଚ ଭୁବନେଶ୍ୱରକୁ ପଦୋନ୍ନତି ହୋଇଛି। ଖରିଆର ରୋଡ ଜୋଙ୍କ ଥାନା ଅଧିକାରୀ କୈଲାଶ ଚନ୍ଦ୍ର ସେଠୀଙ୍କୁ ବୌଦ୍ଧ ଜିଲା ଏସଡିପିଓ ଭାବେ ପଦୋନ୍ନତି ହୋଇଛି। କୋମନା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡଙ୍କୁ ଡେପୁଟି ଏସପି ରାଜ୍ୟ ଏଚଆରପିସି କଟକକୁ ପଦୋନ୍ନତି ହୋଇଛି। ତାଙ୍କ କାର୍ଯ୍ୟକାଳରେ ନୂଆପଡା ଜିଲାରେ ବିଭିନ୍ନ ଥାନାରେ ଦାୟିତ୍ୱ ନିର୍ବାହ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କର ଉତ୍ତମ କାର୍ଯ୍ୟ ସ୍ମରଣୀୟ ହୋଇ ରହିବ ବୋଲି କୃତଜ୍ଞତା ଜାଣାଇ ଜିଲାବାସୀ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ୪ ବିଦେଶୀ ଭାଷାରେ ଅନୂଦିତ ହେଲା କବି ଭବାନୀ ଶଙ୍କରଙ୍କ 'ଲକ୍‌ଡାଉନ' କବିତା

**ଭବାନୀପାଟଣା,୧୬।୭(ଉତ୍ତମ କୁମାର ଦାଶ):** ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚାର ପରିସରକୁ ଆସିଥିବା କବି ଭବାନୀ ଶଙ୍କର ନିଆଲଙ୍କ ଇଂରାଜୀ କବିତା ସଂକଳନ 'ଲକଡାଉନ' ପୁଣି ଥରେ ୪ ବିଦେଶୀ ଭାଷାରେ ଅନୂଦିତ ହୋଇଛି। ଇଂରାଜୀରେ ଏହାକୁ କବି ବଙ୍କିମ ମୁଣ୍ଡ ଅନୁବାଦ କରିଥିବା ବେଳେ ଇଟାଲୀ, ଜର୍ମାନ, ଫ୍ରେଞ୍ଚ, ପର୍ତ୍ତୁଗୀଜ ଭାଷାରେ ଏହା ବିଭିନ୍ନ ଅନ୍ତର୍ଜାତିକ ଖ୍ୟାତନାମା କବିଙ୍କ ଦ୍ୱାରା ଅନୁବାଦ କରାଯାଇଛି। ଏହାକୁ କାନାଡ଼ାର ପ୍ରସିଦ୍ଧ ୟୁକିୟୋଟୋ ପବ୍ଲିଶିଙ୍ଗ ହାଉସ ପ୍ରକାଶିତ କରିଛନ୍ତି। ବିଶ୍ୱ ସାହିତ୍ୟର ଜଣେ ପ୍ରମୁଖ କବି ଓ ସମ୍ପାଦକ ମାରିଆ ଡେଲ କେଷ୍ଟିଲୋ ଏହାର ସମ୍ପାଦନା ଓ ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ, ଡ଼. ନିଆଲ କରୋନା ସମୟରେ 'ଲକଡାଉନ' କବିତା ସଂକଳନ ମାଧ୍ୟମରେ ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। କବିତାରେ ମୃତ୍ୟୁ ଚେତନାର କଳା ଓ ନାନ୍ଦନିକତା ଯୋଗୁ ସେ ସମକାଳୀନ ବିଶ୍ୱ ସାହିତ୍ୟରେ ପାଠକମାନଙ୍କ ଚର୍ଚ୍ଚାର ପରିସରକୁ ଆସିଥିଲେ। କ୍ରମାଗତ ଭାବେ ତାଙ୍କର କବିତା ପୃଥିବୀର ୨୦ରୁ ଉର୍ଦ୍ଧ୍ୱ ଭାଷାରେ ଅନୂଦିତ ହୋଇସରିଛି। ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ଚଳଚଞ୍ଚଳ କବି ନିଆଲଙ୍କ ପୂର୍ବରୁ ୩ଟି ଓଡ଼ିଆ କବିତା ସଂକଳନ ସମେତ ହିନ୍ଦୀ ସଂକଳନ ରହିଛି। ସମ୍ପ୍ରତି ଲବ୍ଧପ୍ରତିଷ୍ଠ ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସମ୍ପାଦକ ସହ ବିଭିନ୍ନ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ଅନେକ ସଙ୍ଗଠନର ଅଧ୍ୟକ୍ଷ ଓ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି।

# ଥାନାରେ ଖତ ଖାଉଛି ଜବତ ଗାଡ଼ି

ଭବାନୀପାଟଣା,୧୬।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଥାନାଗୁଡିକରେ ବିଭିନ୍ନ ମାମଲାରେ ଜବତ ଦୁଇ, ଚାରିଚକିଆ ଗାଡ଼ିଗୁଡିକଦୀର୍ଘ ବର୍ଷ ହେବ ଥାନା ପରିସରରେ ପଡିରହିଛି। ମାମଲାର ଫଇସଲା ହେଉ ନ ଥିବାରୁ ସେଗୁଡିକ ଦୀର୍ଘ ବର୍ଷ ହେଲା ଖୋଲା ଆକାଶ ତଳେ ଖରା ବର୍ଷାରେ ପଡିରହି ଖତ ଖାଉଥିବା ଦେଖିବାକୁ ମିଳିଛି। ଜିଲାରେ ୧୯ଟି ଥାନା ରହିଥିବାବେଳେ ପ୍ରାୟ ଥାନାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଥାନାଗୁଡିକରେ ଚୋରି, ଏମଭିଆଇ ଯାଞ୍ଚ, ଗଞ୍ଜେଇ ଚାଲାଣ, ଦୁର୍ଘଟଣା ଆଦି ବିଭିନ୍ନ ମାମଲାରେ ଜବତ ହୋଇଥିବା ଶହ ଶହ ୨ ଚକିଆ ଯାନ ସମେତ ଚାରିଚକିଆ ଯାନ ପଡିରହିଛି। ଥାନାଗୁଡିକରେ ପଡିରହିଥିବା ଏହି ସବୁ ଯାନର ମୋଟ ମୂଲ୍ୟ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏତେ ଟଙ୍କା ମୂଲ୍ୟର ଯାନବାହନ ପଡିପଡି ନଷ୍ଟ ହେଉଥିବାବେଳେ ତାହାର ସୁରକ୍ଷା ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।



ଭବାନୀପାଟଣା ସଦର ଥାନାରେ ଜବତ ଗାଡିଗୁଡିକ ଖତ ଖାଇବାକୁ ବସିଛି।

ମାମଲାର ଫଇସଲା ହେଉ ନ ଥିବାରୁ ମାଲିକଙ୍କୁ ହସ୍ତାନ୍ତର କରାଯାଉନାହିଁ। ଚାରିଚକିଆ ଯାନ ମଧ୍ୟରେ ବସ୍, ଟ୍ରକ, ଟ୍ରାକ୍ଟର, କାର, ବୋଲେରୋ, ଟାଟା ମ୍ୟାଜିକ ଆଦି ରହିଥିବାବେଳେ ମୋଟରସାଇକେଲ ମଧ୍ୟରେ ବିଭିନ୍ନ କମ୍ପାନୀର ବାଇକ୍ ଓ ସ୍କୁଟି ରହିଛି। କେତେକ ଚାରିଚକିଆ ଓ ଦୁଇ ଚକିଆ ଯାନ ଦୀର୍ଘ ବର୍ଷ ହେଲା ପଡିପଡି ନଷ୍ଟ ମଧ୍ୟ ହୋଇଗଲାଣି। ଏପରିକି କିଛି ଯାନବାହନ ଉପର ଦେଇ ଗଛ ମଧ୍ୟ ଉଠିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେବ ଥାନା ପରିସରରେ ପଡିରହିଥିବା ଗାଡିଗୁଡିକୁ ପୋଲିସ ପ୍ରଶାସନ ପକ୍ଷରୁ ନିଲାମ କରାଗଲେ ସାଧାରଣ ଲୋକ ଉପକୃତ ହେବା ସହ ସରକାରଙ୍କ ରାଜସ୍ୱ ବିଭାଗକୁ ମଧ୍ୟ କିଛି ଟଙ୍କା ଯାଇପାରନ୍ତା। ନଚେତ ଏମିତି ଥାନା ଆଗରେ ଫଇସଲା ବାହାନାରେ ଗାଡିଗୁଡିକ ପଡି ରହି ଖତ ଖାଇ ଚାଲିବ ଏଥିରେ ସନ୍ଦେହ ନାହିଁ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି। ଉଦାହରଣ ଭାବେ ଭବାନୀପାଟଣା ସଦର ଥାନା ପରିସରରେ ଜବତ ହୋଇଥିବା ଗାଡିଗୁଡିକ ଦେଖିଲେ ମନେହୁଏ। ଏ ନେଇ ଏସ୍‌ପି ଅଭିଲାଷ ଜି.ଙ୍କୁ ପଚାରିବାରୁ ଯେଉଁ ମାମଲାଗୁଡିକର ସମାଧାନ ହେଉଛି ସେହି କ୍ଷେତ୍ରରେ ମାଲିକଙ୍କୁ ଶୀଘ୍ର ତାଙ୍କ ଗାଡି ହସ୍ତାନ୍ତର କରାଯାଉଛି। ଯେଉଁ ମାମଲାଗୁଡିକର ସମାଧାନ ହେଉନି ତଥା ବିଳମ୍ବିତ ହେଉଛି, ସେହି କ୍ଷେତ୍ରରେ ଗାଡିଗୁଡିକ ହସ୍ତାନ୍ତର ହୋଇ ନ ପାରି ରହିଯାଉଛି। ପୋଲିସ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯାଉଛି ଶୀଘ୍ର ମାମଲାଗୁଡିକର ଫଇସଲା କରାଯାଇ ମାଲିକଙ୍କୁ ତାଙ୍କ ଗାଡି ହସ୍ତାନ୍ତର କରିବା ପାଇଁ ବୋଲି କହିଥିଲେ।

**ଫଇସଲା ହେଉନି ମାମଲା**

- କୋଟିଏ ଟଙ୍କାର ମୂଲ୍ୟର ଗାଡ଼ି ନଷ୍ଟ ହେଉଛି
- ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉନି

# ବିଧାୟକଙ୍କ ଦୁର୍ଗମ ବୋଡେନ ବ୍ଲକ ଅଞ୍ଚଳ ପରିଦର୍ଶନ



ଖଡ଼ିଆଳ ବିଧାୟକ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

ଖଡ଼ିଆଳ,୧୬।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳକୁ ଖଡିଆଳ ବିଧାୟକ ଆଧିରାଜ ମୋହନ ପାଣିଗ୍ରାହୀ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଅଞ୍ଚଳର ସମସ୍ୟା ଦେଖିବା ସହ ତାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାର ତୁରନ୍ତ ସମାଧାନ କିପରି ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୋଡ଼େନ ବ୍ଲକ ପାର୍ବତ୍ୟଅଞ୍ଚଳ ତଥା ମାଓବାଦୀ ପ୍ରବଣ ଅଞ୍ଚଳ ଭଇଁସାଦାନି, ପାଟଦରା, ରେଢାମାଲ, ଝରଣାମାଲ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକୁ ବିଧାୟକ ଯାଇ ପ୍ରତ୍ୟକ୍ଷ ଭାବେ ଅଞ୍ଚଳରେ ପାନୀୟଜଳ, ବିଦ୍ୟୁତ୍ ସେବା, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା ନେଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ପାଟଦରାଠାରେ ଏକ ଜନଅଭିଯୋଗ ଶୁଣାଣି ତଥା ସଭାରେ ଯୋଗଦେଇଥିଲେ। ଉପାନ୍ତ ଅଞ୍ଚଳର ଶତାଧିକ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ବୁଝି ତାର ସମାଧାନ କରିବା ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନାର କିପରି ଲୋକଙ୍କ ପାଖକୁ ପହଞ୍ଚିବ ଓ ତାହାର ଲାଭ ଉପାନ୍ତ ଅଞ୍ଚଳର ଲୋକେ ପାଇପାରିବେ ସେ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମରୁଡ଼ି ଆଶଙ୍କା ନେଇ ଇ-ମେଲରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୋକସରା,୧୬।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ୯୦% ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ ଚିନ୍ତାରେ ପଡିଛନ୍ତି। କୋକସରା ବ୍ଲକର ୨୨ ପଞ୍ଚାୟତରେ ୧୯, ୫୩୦ ହେକ୍ଟର ଜମିରେ ଖରିଫ ଚାଷ ପାଇଁ କୃଷି ବିଭାଗ ଆକଳନ କରିଥିବା ବେଳେ ଜୁଲାଇ ୧୦ ତାରିଖ ସୁଦ୍ଧା ୨୪୬୫ ହେକ୍ଟରରେ ଧାନ ବୁଣା ଓ ରୁଆ ହୋଇଥିବା କୃଷି ଅଧିକାରୀ ସୂଚନା ଦେଇଛନ୍ତି। ଇନ୍ଦ୍ରାବତୀ ବାମ କେନାଲ ଓ ମେଗାଲିଫ୍ଟ କେନାଲ ଦ୍ୱାରା ବ୍ଲକର କିଛି ପଞ୍ଚାୟତର ଚାଷୀ ଜଳସେଚନ ସୁବିଧା ପାଇଥିବା ବେଳେ ବଡ଼ପୋଡ଼ାଗୁଡା, ଟେମରା, ବରାଡଙ୍ଗା, ଆମପାଣି, କାଉଡୋଲା, ଗୋଟୋମୁଣ୍ଡା ପଞ୍ଚାୟତର ଚାଷୀ କେବଳ ବର୍ଷା ଜଳ ଉପରେ ନିର୍ଭର କରୁଛନ୍ତି। ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଛି। ବ୍ଲକରେ ଦେଖାଦେଇଥିବା ଚାଷୀଙ୍କ ସମସ୍ୟା ନେଇ କୋକସରା ବ୍ଲକ ସିଟିଜେନ ଫୋରମ ପକ୍ଷରୁ ସମ୍ପାଦକ ମିନିକେତନ ପ୍ରଧାନୀଙ୍କ ନେତୃତ୍ୱରେ ଇମେଲ ଜରିଆରେ ୭ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କୁ ପ୍ରେରିତ କରାଯାଇଛି। ଦାବିଗୁଡିକ ମଧ୍ୟରେ ଗଭୀର ନଳକୂପ ଖନନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା, ରୁଆ କାର୍ଯ୍ୟ ସମ୍ପାଦନ କରିବା ବିଭିନ୍ନ ଜଳଉତ୍ସରୁ ପାଣି ଉଠାଇବା ପାଇଁ ଚାଷୀଙ୍କୁ ରିହାତି ମୂଲ୍ୟରେ ଡିଜେଲ ପାଇପ ଯୋଗାଇ ଦିଆଯାଉ, ଚାଷୀଙ୍କ ବୀମା ପ୍ରିମିୟମ ପୈଠ କରିବା ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବା, କୋକସରାଠାରେ ଓଏସସିଏମଏଫ ଗୋଦାମରେ ସାର ରଖିବା ବ୍ୟବସ୍ଥା ଗ୍ରହଣ କରିବା ଭଳି ଦାବି ପ୍ରମୁଖ ରହିଛି। ସିଟିଜେନ ଫୋରମ ସଦସ୍ୟ ବ୍ୟୋମକେଶ ପଣ୍ଡା, ବୁରୁନାଥ ସରାବୁ, ଶ୍ରୀନିବାସ ପ୍ରଧାନୀ, ହରେକୃଷ୍ଣ ନାଏକ, ଲକ୍ଷ୍ମୀ କାନ୍ତ ପୂଝାରୀ, ମୁକ୍ତେଶ୍ୱର ପଟ୍ଟନାୟକ, ଗୁଣନିଧି ବାଗ ପ୍ରମୁଖ ଦାବି ଜଣାଇଛନ୍ତି।



ବୈଠକରେ ଉପସ୍ଥିତ ସିଟିଜନ ଫୋରମର ସଦସ୍ୟମାନେ।

**ସିଟିଜନ ଫୋରମର ବୈଠକ**

## ଜଗନ୍ନାଥପୁର ପଞ୍ଚାୟତସ୍ତରୀୟ ନୂତନ କଂଗ୍ରେସ କମିଟି ଗଠନ

ଲାଞ୍ଜିଗଡ଼,୧୬।୭
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ପଞ୍ଚାୟତସ୍ଥିତ ବଳଭଦ୍ରପୁର ବଙ୍ଗଳାଠାରେ ରବିବାର ଜଗନ୍ନାଥପୁର ପଞ୍ଚାୟତସ୍ତରୀୟ ନୂତନ କଂଗ୍ରେସ କମିଟି ଗଠନ ହୋଇଛି। କଂଗ୍ରେସ ଯୁବନେତା ବିଜୟ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ବହୁ ସଂଖ୍ୟକ କର୍ମୀ ଏକତ୍ରିତ ହୋଇଥିଲେ। ୨୦୨୪ ବିଧାନସଭା ଓ ଲୋକସଭା ନିର୍ବାଚନରେ ଦଳ କିପରି ବିପୁଳ ପରିମାଣରେ ବିଜୟ ଲାଭ କରିବ ସେ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ବୈଠକ ଯୁବନେତା ପ୍ରଦୀପ ମାଝି ପରିଚାଳନା କରିବା ସହ କର୍ମୀଙ୍କ ସର୍ବସମ୍ମତିକ୍ରମେ ଜଗନ୍ନାଥପୁର ପଞ୍ଚାୟତସ୍ତରୀୟ ନୂତନ କଂଗ୍ରେସ କମିଟି ଗଠନ ହୋଇଛି। ସଭାପତି ଭାବେ ବାମଦେବ ମାଝି, ଉପସଭାପତି ଭାବେ ନିରନ ଚଣ୍ଡୀ ଓ ସମ୍ପାଦକ ଭାବେ ହରେକୃଷ୍ଣ ମାଳିଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥପୁର ସରପଞ୍ଚ ମୁଗାନା ମାଝି, ସମିତି ସଭ୍ୟ ପ୍ରଦୀପ ମାଝି, ଦାନା ମାଝି, ଲତକ ମାଝି, ପଦ୍ମନାଭ ଗଉଡ଼, ଧନେଶ୍ୱର ଗଉଡ଼, ପରମେଶ୍ୱର ଚଣ୍ଡୀ, ଦୟାନିଧି ଗଉଡ଼ ବିଶ୍ୱନାଥ ଚଣ୍ଡୀ, ସୁଦାମ ସିଂ, କୁମୁଦ ମାଳି, ଦେବରାଜ ମାଝି, ଧନଗିରୀ ମାଝି, ମଧୁ ମାଝି, ବୁଡୁ ମାଝି, ଅଦୁ ମାଝି, ରାମନାଥ ନାଏକଙ୍କ ସମେତ ପଞ୍ଚାୟତ ବିଭିନ୍ନ ଗ୍ରାମର ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟା ନେଇ ବାର୍ ଆସୋସିଏଶନର ଆଲୋଚନା



ବୈଠକରେ ଆଲୋଚନା କରାଯାଉଛି।

ସିନାପାଲି,୧୬।୭(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବାର୍ ଆସୋସିଏଶନର ବିଭିନ୍ନ ସମସ୍ୟା ନେଇ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବାଣିବଲ୍ଲଭ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ବୈଠକରେ ସିନାପାଲି ବାର୍ ଆସୋସିଏଶନର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ସିନାପାଲିଠାରେ ତୁରନ୍ତ ରେଜିଷ୍ଟ୍ରେଶନ ଅଫିସ ଓ ସବଟ୍ରେଜରୀ ଅଫିସ ସ୍ଥାପନ ଏବଂ ବାର ଆସୋସିଏଶନର ବହୁବିଧ ଉନ୍ନତି ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସିନାପାଲି ବାର୍ ଆସୋସିଏଶନର ପାଇଁ ଏକ ଉନ୍ନତମାନର ବାରହଲ ନିର୍ମାଣ ପାଇଁ ସୁପାରିଶ କରି ପାଣ୍ଠି ଯୋଗାଇ ଦେବାକୁ ବିଧାୟକ ପ୍ରତିଶୃତି ଦେଇଥିଲେ। ବୈଠକରେ ବାର୍ ଆସୋସିଏଶନ ସମ୍ପାଦକ ରୁଷଭ ମେହେର, ବରିଷ୍ଠ ଆଇନଜୀବୀ ଭବେଶ ପାଣିଗ୍ରାହୀ, ସରକାରୀ ଓକିଲ ଇନ୍ଦ୍ରଦ୍ୟୁମ୍ନ ମାଝି, ଆଇନଜୀବୀ ସୁବ୍ରତ ମେହେର, ହରେଶ ଜୈନ, ଦୁର୍ଗା ସୁନାରୀ, ମୀନକେତନ ମାଝି, ଜ୍ୟୋତି ପ୍ରକାଶ ମେହେର, ଗୁଣସାଗର ମେହେର, ଗଣେଶ ଚନ୍ଦ୍ର ମେହେର, ସଞ୍ଜୟ ବେହେରା, ଚତୁର୍ଭୁଜ ମେହେର, ସଞ୍ଜୟ ମେହେର, ଜଗବନ୍ଧୁ ମେହେର, ଭୀଷ୍ମ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଇମଣ୍ଡ ନିଆଲ, ମୋହନ ଧାକଡ଼, ମନୋହର ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ଲଷ୍ଟରସ୍ତରୀୟ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ବୈଠକ

ନୂଆପଡ଼ା,୧୬।୭(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ମତବିନିମୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧନା କେନ୍ଦ୍ର ସଂଯୋଜକ ଦିନେଶ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ସାଧନ କର୍ମୀ ଗୁଣ ସାଗର ଭୋଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଉଦ୍ଦେଶ୍ୟ, ପ୍ରୟୋଗ ସହ ୟୁଡାଇଜ ପ୍ଲସ, ସ୍କୁଲ ୟୁନିଫର୍ମ, ମୁଖ୍ୟମନ୍ତ୍ରୀ ପୁରସ୍କାର ବିଷୟରେ ତାଲିମ ଦେଇଥିଲେ। ସାଧନ କେନ୍ଦ୍ର ସଂଯୋଜକମାନେ ସମସ୍ତ ଶିକ୍ଷକମାନଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଶତପ୍ରତିଶତ ଶିକ୍ଷଣ ଯେପରି ବିଦ୍ୟାଳୟରେ ଛାତ୍ରୀଛାତ୍ର ଉପସ୍ଥିତ କରି ପାରିବେ, ସେଥି ପାଇଁ ସମସ୍ତଙ୍କୁ ନିରନ୍ତର ପ୍ରୟାସ କରିବା ପାଇଁ ଅନୁରୋଧ କରାଯାଇଥିଲା। ଦିନେଶ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ସୀମାନ୍ତ ଖରିଆର ରୋଡ୍ ସହରରେ ଟ୍ରାଫିକ ସେବା ଆରମ୍ଭ

ନୂଆପଡ଼ା,୧୬।୭(ମକାରୁ ବେମାଲ)

ଛତିଶଗଡ ସୀମାନ୍ତ ନୂଆପଡା ଜିଲା ଖରିଆର ରୋଡ ସହରରେ ଶନିବାର ଜିଲାର ପ୍ରଥମ କରି ଟ୍ରାଫିକ ପୋଷ୍ଟ ସେବା ଆରମ୍ଭ ହୋଇଛି। ଟ୍ରାଫିକ ପୋଷ୍ଟ ହେବା ଦ୍ୱାରା ସହରରେ ଲୋକଙ୍କ ଭିଡ ନିୟନ୍ତ୍ରଣ ହେବା ସହ ଜାତୀୟ ରାଜପଥରେ ଦୁର୍ଘଟଣା ଏଡାଇ ଦିଆଯାଇ ପାରିବ। ଟ୍ରାଫିକ ନିୟମ ଅନୁଯାୟୀ ଜନସାଧାରଣ ଯାତାୟାତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି। ଜୋଙ୍କ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ, ଖରିଆର ରୋଡ ନଗରପାଳ ସୋନିଆ ଜୈନ, କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳାସନ ରଥ, ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ, ମାର୍କେଟ ସଂଘ ସଭାପତି ସନ୍ଦିପ ଶର୍ମା, ସମସ୍ତ କାଉନସିଲର, ନଗରବାସୀ, ବୁଦ୍ଧିଜୀବୀ ଉପସ୍ଥିତ ରହି ଟ୍ରାଫିକ ସେବା ଆରମ୍ଭ କରିଛନ୍ତି। ସହରରେ ପୋଲିସ ଟ୍ରାଫିକ ସେବା ଆରମ୍ଭ ହୋଇଥିବାରୁ ନଗରବାସୀ ଉତ୍ସାହିତ ହୋଇ ପୋଲିସ ପ୍ରଶାସନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ଟ୍ରାଫିକ ସେବା ଆରମ୍ଭ କରାଯାଉଛି।

# ବିଭିନ୍ନ ଲୋକନୃତ୍ୟର ଅନ୍ତୁଡ଼ିଶାଳ କଳାହାଣ୍ଡି

ଭବାନୀପାଟଣା,୧୬।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଯେତେ ପ୍ରକାରର ଲୋକନୃତ୍ୟ ଅଛି ଭାରତ ବର୍ଷର ଅନ୍ୟ କୌଣସି ଜିଲାରେ ଏତେ ପ୍ରକାରର ଲୋକନୃତ୍ୟ ନାହିଁ। ଜିଲାରେ ଘୁମୁରା, ବଜାଶାଲ, ବନାବାଡ଼ି, ଦଣ୍ଡାରୀ, ମାଦଲି, ଢାପ, ଘୁଡକା, ସିଙ୍ଗ ବାଜା, ଦେବଗୁନିଆ, ସଂକୀର୍ତ୍ତନ, ଖଞ୍ଜଣି ଆଦି ବିଭିନ୍ନ ପ୍ରକାରର ଲୋକନୃତ୍ୟ ରହିଛି। ଲୋକ ପରମ୍ପରା ରହିଛି। ବାସ୍ତବିକ ବିବିଧ କଳାରେ ପରିପୂର୍ଣ୍ଣ ହାଣ୍ଡି ହେଉଛି କଳାହାଣ୍ଡି। ତେବେ କଳାହାଣ୍ଡିର ଘୁମୁରା ଓ ବଜାଶାଲ ଦେଶ ବିଦେଶରେ ଯେତିକି ଖ୍ୟାତି ଅର୍ଜନ କରିଛି। ଜିଲାର ଅନ୍ୟ ଲୋକ ନୃତ୍ୟଗୁଡ଼ିକ କାହିଁକି ସେତେ ବିକଶିତ ହେଇପାରୁନାହିଁ, ସେ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି। କଳାହାଣ୍ଡିର ଏହି ଲୋକନୃତ୍ୟଗୁଡିକର ମୌଳିକତା ରକ୍ଷା କରି ନୃତ୍ୟ ଓ ବାଦ୍ୟକୁ ବିକଶିତ କରାଇ ପାରିଲେ ହିଁ ତାହା ଦେଶ ବିଦେଶରେ ଲୋକାଦୃତ ହୋଇପାରିବ ବୋଲି ରବିବାର ଭବାନୀପାଟଣାସ୍ଥିତ ଟାଉନ ହଲଠାରେ କାରୁଣ୍ଡ କଳା କେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ ଉପଲକ୍ଷେ 'କଳାହାଣ୍ଡିର ଲୋକନୃତ୍ୟ ଓ ଘୁମୁରା' ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି। କାରୁଣ୍ଡ କଳାକେନ୍ଦ୍ର ସଭାପତି ପଦ୍ମନାଭ ରାଜୁଙ୍କ ପୌରହିତ୍ୟରେ ଅୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା ଜଗନ୍ନାଥ ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଗବେଷକ ତଥା ସଂସ୍କୃତି ସଙ୍ଗଠକ ଜୟନ୍ତ କୁମାର ବେହେରା ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡିଆ ଶବ୍ଦକୋଷର ରଚୟିତା ତଥା ସଂସ୍କୃତି ଗବେଷକ ପରମେଶ୍ୱର ମୁଣ୍ଡ, ନୃତ୍ୟଗୁରୁ ଭୀମସେନ ସାହୁ ଓ ଲୋକ ସଂସ୍କୃତି ଗବେଷକ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଧ୍ୟାନାନନ୍ଦ ପଣ୍ଡା ସମ୍ମାନିତ ଆଲୋଚକ ଭାବେ ଯୋଗଦେଇ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଆକାଶବାଣୀ କଳାକାର ଶୁଭେନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କାରୁଣ୍ଡ କଳା କେନ୍ଦ୍ରର କାର୍ଯ୍ୟକାରୀ ସଭ୍ୟ ଶେଷଦେ ମିଶ୍ର ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଟାଉନ ହଲ ପରିସରରେ ସକାଳ ସାଢେ ୮ଟାରେ ସଭାପତି ଅନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ସକାଳ ୯ଟାରେ ମା' ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଟାଉନ ହଲ ପହଞ୍ଚିବା ପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।




କାରୁଣ୍ଡ କଳାକେନ୍ଦ୍ରର ରୌପ୍ୟ ଜୟନ୍ତୀରେ ମଞ୍ଚାସୀନ ଅତିଥିମାନେ।

**କାରୁଣ୍ଡ କଳା କେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ**




## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୧ ଗିରଫ

ରାଉରକେଲା,୧୬।୭(ସଙ୍ଗୀତା ଜେନା): ବନ୍ଧମୁଣ୍ଡା ଥାନା କୋଇଲା ଗେଟରେ ରବିବାର ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଏକ ସ୍କୁଟି (ନଂ.ଓଡ଼ି୧୪ଭି/୮୭୪୫)ରେ ୭୦ ଲିଟର ଦେଶୀମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଆକାଶ ଟାଙ୍ଗଲି ଏବଂ ଘର ବିଶ୍ରା ଥାନା ବିଜାଡିହି ଅଞ୍ଚଳରେ। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୪୪/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଚାଉଳ ଗାଡ଼ି ଅଟକାଇବା ଅଭିଯୋଗରେ ୨ଗିରଫ

ରାଉରକେଲା,୧୬।୭(ସଙ୍ଗୀତା ଜେନା): ସେକ୍ଟର-୩ ଥାନା ଏନ୍‌ଆଇଟି ବ୍ୟାକପୋଷ୍ଟ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଟ୍ରକ (ନଂ.ଓଆର୧୦ଜି/୪୪୮୯) ଯୋଗେ ୩୦୦ ବସ୍ତା (ପ୍ରାୟ ୧୫୦ କୁଇଣ୍ଟାଲ) ସରକାରୀ ଚାଉଳ ଖୁଚୁରା ବ୍ୟବସାୟୀ ଜିତେନ୍ଦ୍ର ପ୍ରଧାନଙ୍କ ଦୋକାନକୁ ନେଇ ଯାଉଥିଲା । ଏନ୍‌ଆଇଟି ବ୍ୟାକପୋଷ୍ଟରେ ୨ଜଣ ବ୍ୟକ୍ତି ଉକ୍ତ ଗାଡ଼ିକୁ ଅଟକାଇ ଚାଳକଙ୍କୁ ଧମକଚମକ ଦେଇଥିଲେ। ଏ ନେଇ ଦୋକାନ ମାଲିକ ସେକ୍ଟର-୩ ଥାନରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ମାମଲା (ନଂ.୮୨।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ଟର-୧ କଲ୍ୟାଣୀ ବସ୍ତିର ଶଙ୍କର ନାୟକ ଓ ଏନ୍‌ଆଇଟି ବ୍ୟାକପୋଷ୍ଟର ଗଜ ମଲ୍ଲିକ। ଥାନାରେ ଉଭୟଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଜଣାପଡ଼ିଛି।

### ଅବ୍ୟବସ୍ଥା ଘେରରେ ଇଏସ୍‌ଆଇ ଡାକ୍ତରଖାନା
#### ୨୦ରେ ବିକ୍ଷୋଭ କରିବ ଏଚ୍‌ଏମ୍‌ଏସ୍

ରାଉରକେଲା,୧୬।୭(ସଙ୍ଗୀତା ଜେନା): ସାମାନ୍ୟ ବର୍ଷା ହେଲେ ବିଶ୍ରା ଛକ ସିଆଇଏସ୍‌ଏଫ୍ ଇଏସ୍‌ଆଇସି ଡାକ୍ତରଖନା ପରିସର ଜଳମଗ୍ନ ରହୁଛି। ଫଳରେ



ହିତାଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ରବିବାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମୁଖ୍ୟତଃ ବର୍ଷା ଦିନମାନଙ୍କରେ ଜ୍ୱର, ଥଣ୍ଡା ଓ ଅନ୍ୟ ରୋଗ ପାଇଁ ହିତାଧିକାରୀମାନେ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ହେଲେ ସାମାନ୍ୟ ବର୍ଷା ହେଲେ ଏଠାକାର ରାସ୍ତା ଜଳଭର୍ତ୍ତି ହୋଇଯାଉଛି। ରୋଗୀମାନେ ଷ୍ଟେଟବ୍ୟାଙ୍କ ପର୍ଯ୍ୟନ୍ତ ଆସି ଫେରିଯାଉଛନ୍ତି। ଘର ଛାତରୁ ପାଣି ଗଳୁଛି। ଏଠାରେ ୫ ଜଣ ଡାକ୍ତରଙ୍କ ଜାଗାରେ ଜଣେ ଡାକ୍ତର ରୋଗୀ ସେବା କରୁଛନ୍ତି। ଆବଶ୍ୟକ ଜୀବନ ରକ୍ଷାକାରୀ ଔଷଧ ମିଳୁ ନ ଥିବା ଯୋଗୁ ବାହାରୁ ଔଷଧ ଆଣିବାକୁ ବାଧ୍ୟ କରାଯାଉଛି। ଏହାର ପ୍ରତିବାଦରେ ଆସନ୍ତା ୨୦ ତାରିଖ ସକାଳ ୮ଟାରୁ ଡାକ୍ତରଖାନା ନିକଟରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବ। ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଫଳରେ ଏଚ୍‌ଏମ୍‌ଏସ୍ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି ।




ଶ୍ରାବଣ ମାସ ସୋମବାର ପାଇଁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଥିବା ୧୫୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ ଶୈବପୀଠ ମହାଦେବଶାଳ ମନ୍ଦିରରେ ଶ୍ରଦ୍ଧାଳୁଗଣ ।

# ଶ୍ରାବଣରେ ଚଳଚଞ୍ଚଳ ମହାଦେବଶାଳ

ରାଉରକେଲା ,୧୬।୭(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ରହିଛି ୧୫୦ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ ଶୈବପୀଠ ମହାଦେବଶାଳ। ବମ୍ବେ-ହାଓଡ଼ା ରୁଟ୍ ପାର୍ଶ୍ୱ ତଥା ରାଉରକେଲା ଷ୍ଟେଶନରୁ ୧୧୦ କି.ମି ଦୂରରେ ରହିଥିବା ଏହି ଶୈବପୀଠ ଏବେ ଶ୍ରାବଣ ମାସ ପାଇଁ ଚଳଚଞ୍ଚଳ ହୋଇପଡିଛି। ପାହାଡ଼ି, ଜଙ୍ଗଲ ଓ ନଦୀ ପରିବେଷ୍ଟିତ ମନୋରମ ପରିବେଶରେ ଥିବା ଏହି ସ୍ଥାନକୁ ବିପୁଳ ସଂଖ୍ୟାରେ ଭକ୍ତ ଯାତ୍ରା କରି ମହାଦେବଙ୍କ ଦର୍ଶନ କରିଥାନ୍ତି। ପ୍ରତ୍ୟେକ ବର୍ଷ ଶ୍ରାବଣ ମାସରେ ଏହି ମନ୍ଦିରରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଜନଶ୍ରୁତି ଅନୁସାରେ, ଗୋଇଲକେରା ସ୍ଥିତି ବଡ଼ୌଲା ଗ୍ରାମ ନିକଟରେ ତତ୍କାଳୀନ ବଙ୍ଗପ୍ରଦେଶ-ନାଗପୁର ରେଳପଥ (କଲିକତା-ବମ୍ବେ) ମଝିରେ ରେଲୱେ ଲାଇନ ବିଛାଯାଉଥିଲା। ଏହି ସମୟରେ ସେଠାରେ ଶିବ ଲିଙ୍ଗ ବାହାରିବାରୁ ଶ୍ରମିକମାନେ କାର୍ଯ୍ୟ କରିବାକୁ ମନା କରିଦେଇଥିଲେ। ହେଲେ ସେଠାରେ ଉପସ୍ଥିତ ବ୍ରିଟିଶ ଇଞ୍ଜିନିୟର ଏକ କୋଦାଳରେ ଶିବଲିଙ୍ଗ ଭାଙ୍ଗି ଦେଇଥିଲେ। କିଛି ସମୟ ପରେ ଉକ୍ତ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ଏହାର ଦିଗ ପରିବର୍ତ୍ତନ କରି ସାମାନ୍ୟ ବୁଲାଣି କରି ରେଳପଥ ନିର୍ମାଣ କରାଯାଇଥିଲା। ଏହାସହ ଏଠାରେ ମନ୍ଦିର ନିର୍ମାଣ ଓ ସ୍ଥାନୀୟ ଅଞ୍ଚଳର ବିକାଶ କରାଯାଇଥିଲା।

ପଶ୍ଚିମ ସିଂହଭୂମ ସରଣ୍ଡା ଜଙ୍ଗଲ ମଧ୍ୟବର୍ତ୍ତୀ କ୍ଷେତ୍ର ବଡୌଲା ଗ୍ରାମରେ ଏହି ମହାଦେବ ମନ୍ଦିର ବିରାଜମାନ। ଶ୍ରାବଣ ମାସରେ ଶ୍ରଦ୍ଧାଳୁମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସ୍ଥାନକୁ ଯିବା ପାଇଁ ଦକ୍ଷିଣ ପୂର୍ବ ରେଲୱେ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ୯ଟି ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନର ରହଣି ବ୍ୟବସ୍ଥା କରିଛନ୍ତି। ଏଠାରେ ଟାଟା ଏକପ୍ରେସ, ସାଲିମାର ଏକ୍ସପ୍ରେସ, ଇସ୍ପାତ ଏକ୍ସପ୍ରେସ, ସାଉଥ ବିହାର ଏକ୍ସପ୍ରେସ, ରାଉରକେଲା ଚକ୍ରଧରପୁର ପାସେଞ୍ଜର, କଳିଙ୍ଗ ଉତ୍କଳ ଏକ୍ସପ୍ରେସ, ରାଉରକେଲା ଚକ୍ରଧରପୁର ସରଣ୍ଡା ମେମୁ ପାସେଞ୍ଜର, ଟାଟା ପାସେଞ୍ଜର ସମେତ ଅନ୍ୟ ଟ୍ରେନ୍‌ର ରହଣି ଅଛି। ଶ୍ରଦ୍ଧାଳୁମାନେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ଘାଟ ତ୍ରିବେଣୀ ସଙ୍ଗମରୁ ଜଳ ସଂଗ୍ରହ କରି ଶୁକ୍ରବାରଠାରୁ ପଦଯାତ୍ରା ଆରମ୍ଭ କରିଥାନ୍ତି। ରାଉରକେଲାରୁ ପ୍ରାୟ ୩୦ବର୍ଷ ହେଲା ମହାଦେବଶାଳ ଯାଉଥିବା ଜଣେ ଶିବଭକ୍ତ ପ୍ରଦୀପ ଜେନା କୁହନ୍ତି, ଏଠାରେ ମହାଦେବ ପ୍ରତ୍ୟକ୍ଷ ଅଟନ୍ତି। ବର୍ଷ ତମାମ ଏଠାରେ କୌଣସି ଟ୍ରେନ ରହଣି ହୋଇ ନ ଥାଏ। ହେଲେ ଶ୍ରାବଣ ମାସରେ ଝାଡ଼ଖଣ୍ଡ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟ୍ରେନଗୁଡ଼ିକ ଅସ୍ଥାୟୀ ରହଣି ବ୍ୟବସ୍ଥା କରାଯାଇଥାଏ। ଗୋଇଲକେରା ଷ୍ଟେଶନଠାରୁ କିଛି ଦୂରରେ ଏହି ମନ୍ଦିର ରହିଛି ବୋଲି ସେ କହିଛନ୍ତି। ମହାଦେବଶାଳ ମନ୍ଦିରର ଇତିହାସ ବେଶ୍ ବଳିଷ୍ଠ। ସାଧାରଣତଃ ଭାରତରେ ଖଣ୍ଡବିଖଣ୍ଡିତ ମୂର୍ତ୍ତି ପୂଜନ କରିବାର ସଂସ୍କୃତି ନାହିଁ। କିନ୍ତୁ ମହାଦେବଶାଳରେ ଅର୍ଦ୍ଧଖଣ୍ଡିତ ମହାଦେବ ମୂର୍ତ୍ତି ପୂଜା ପାଇଥାନ୍ତି। ଏଠାରେ ମହାଦେବ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏଠାରେ ଶ୍ରାବଣ ମେଳା ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ଶ୍ରାବଣ ମାସରେ କେତେକ ଶ୍ରଦ୍ଧାଳୁ ଟ୍ରେନ ଯୋଗେ ଆସି ଏଠାରେ ପାଣି ଢାଳିଥାନ୍ତି ।

### ଜଳୁନି ଷ୍ଟ୍ରିଟ୍ ଲାଇଟ, ମରାମତି ଦାବି

ରାଉରକେଲା,୧୬।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ ଛେଣ୍ଡ ଦେବ ବିହାର ମନ୍ଦିର ଲାଇନରେ ଷ୍ଟ୍ରିଟ୍ ଲାଇଟ ସପ୍ତାହେ ହେଲା ଅଚଳ ହୋଇପଡିଛି। ଫଳରେ ଦେବବିହାର ମନ୍ଦିର ଲାଇନର ଏକ ହଜାରରୁ ଊର୍ଦ୍ଧ୍ୱ ପରିବାର ଅନ୍ଧାରରେ ଯାତାୟାତ କରୁଛନ୍ତି। ମହାନଗର ନିଗମ ପକ୍ଷରୁ ଷ୍ଟ୍ରିଟ ଲାଇଟ ମେଣ୍ଟେନାନ୍ସ ନାଁରେ ପ୍ରତି ମାସରେ କୋଟି କୋଟିଟଙ୍କା ବିଲ୍ ହେଉଛି। ମାତ୍ର ଷ୍ଟ୍ରିଟ ଲାଇଟ୍ ମରାମତି କରାଯାଉନାହିଁ। ପ୍ରକାଶଥାଉକି, ମହାନଗର ନିଗମ ଅଧୀନସ୍ଥ ୪୦ଟି ୱାର୍ଡର ୧୩୨ଟି ବସ୍ତି ଓ ସହରର ରାସ୍ତାଘାଟରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଦୈନିକ ଦେଖାରଖା ହେବାକଥା। ମାତ୍ର ସମ୍ପୃକ୍ତ ବିଭାଗ ଏହା ନ କରି ଅଭିଯୋଗ ହେଲେ ମରାମତି କରୁଛି।




ଅନ୍ୟପଟେ ସପ୍ତାହେ ହେଲା ଛେଣ୍ଡ ଦେବବିହାର ମନ୍ଦିର ଲାଇନ ରାସ୍ତାରେ ଷ୍ଟ୍ରିଟ ଲାଇଟ ଅଚଳ ହୋଇ ଯାଇଥିବା ବେଳେ ରାସ୍ତାରେ ରଥ ରଖାଯାଇଛି। ଫଳରେ ରାତିରେ ଲୋକମାନେ ରଥରେ ବାଡେଇ ହୋଇ ଆହତ ହେଉଛନ୍ତି। ଏଥିସହ ସପ୍ତାହେ ମଧରେ ରାତିରେ ଦେବବିହାର ମନ୍ଦିର ଲାଇନରେ ଅନେକ ଛୋଟ ବଡ ଦୁର୍ଘଟଣା ଘଟି ସାରିଥିବା ଉତ୍ତମ ନାୟକ, ଅଭୟ ମହାପାତ୍ର, ଶରତ ଦାସ, ଜୟନାରାୟଣ ଚାନ୍ଦ, ରାଜୀବ ପ୍ରତିହାରୀ ପ୍ରମୁଖ କହିଛନ୍ତି। ଏ ନେଇ ଆର୍‌ଏମ୍‌ସି ଷ୍ଟ୍ରିଟଲାଇଟ ବିଭାଗୀୟ ଅଧିକାରୀ ଶାଟୀ ବାବୁଙ୍କୁ ପଚାରିବାରୁ ସୋମବାର ଅଫିସ ଖୋଲିବା ପରେ ଅଚଳ ଷ୍ଟ୍ରିଟଲାଇଟ ମରାମତି ହେବ ବୋଲି ସେ କହିଥିଲେ।

# ସବୁ ଅନୁଷ୍ଠାନ ଏକାଠି ହେଲେ ଜିଲାର ମାନ ବୃଦ୍ଧିହେବ

ରାଉରକେଲା,୧୬।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତନଗରସ୍ଥିତ ଏକ ହୋଟେଲରେ ରବିବାର ଷ୍ଟାର-୯ ଏବଂ ହିନ୍ଦୁସ୍ଥାନ ଫେଡେରେଶନ ଆନୁକୂଲ୍ୟରେ ବ୍ୟବସ୍ଥାପକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ସମସ୍ତ ସାମାଜିକ ସଙ୍ଗଠନ ଓ କଳା ସଂସ୍କୃତି ଅନୁଷ୍ଠାନ ଏକାଠି ହୋଇ କାର୍ଯ୍ୟକଲେ ସୁନ୍ଦରଗଡ ଜିଲାର ଗୌରବ ଓ ମାନବୃଦ୍ଧି ହେବ ବୋଲି ମୁଖ୍ୟଅତିଥି ନାୟକ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜିଲା ବିଜେଡି ସଭାପତି ହାଲୁ ମୁଣ୍ଡାରୀ ଯୋଗଦାନ ଦେଇ ଷ୍ଟାର-୯ ଓ ହିନ୍ଦୁସ୍ଥାନ ଫେଡେରେଶନର ଏଭଳି ନିଆରା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ସାମାଜିକ, କଳା ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ହୋଇଥିଲେ। ସୁନ୍ଦରଗଡ, କାଂଶବାହାଲ, ରାଜଗାଙ୍ଗପୁର ତଥା ରାଉରକେଲାର ବହୁସଂଖ୍ୟକ ନୃତ୍ୟଶିଳ୍ପୀ କାର୍ଯ୍ୟକ୍ରମରେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଜିଲାର ସାମାଜିକ ଓ ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତାମାନେ ପରସ୍ପର ମଧ୍ୟରେ ପରିଚିତ ହୋଇଥିଲେ। ସୁପ୍ରିୟା ମିଶ୍ରଙ୍କ ଓଡିଶୀ ନୃତ୍ୟ ପରିବେଶଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କଲଚରାଲ ହେଡ ଅମିତ ମହାନ୍ତି, ବି. ମାନସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲବମ ଅଭିନେତ୍ରୀ କବିତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ। ସୌମ୍ୟ ବିଶ୍ୱାଳ, ରାହୁଲ ମହାନ୍ତି ଓ ଆନନ୍ଦ ସୁନା କାର୍ଯ୍ୟକ୍ରମ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ।

# କୋଏଲ ନଗରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଡିଏଫଓଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତା ।

ରାଉରକେଲା,୧୬।୭(ସଙ୍ଗୀତା ଜେନା)

ସେଲୁନ ଓନର ଆସୋସିଏଶନ ଅଫ ରାଉରକେଲା (ସୋର) ପକ୍ଷରୁ ସଭାନେତ୍ରୀ ରଶ୍ମି ମିଶ୍ରଙ୍କ ନେତୃତ୍ୱରେ କୋଏଲନଗର ଏ ବ୍ଲକ ପାର୍କରେ ରବିବାର ପୂର୍ବାହ୍ନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ବନ ବିଭାଗ ଡିଏଫଓ ଯଶୋବନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଓ ଏହାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନିମ୍ବ, ଅର୍ଜ୍ଜୁନ ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା। ୟାସମିନ ପରବିନ୍, ସିଲି ମହାନ୍ତି, ଶଙ୍କରିନା ପ୍ରଧାନ, ରୁହି ପରୱିନ, କଳା ସାହୁ, ପ୍ରିୟା ସାହୁ, ସତୁ ଅଞ୍ଜନା, ଅନୁପମା ବେହେରା, ମିରା ସାହାଣୀ, ସନ୍ଧ୍ୟାରାଣୀ ସାହୁ, ଜ୍ୟୋସ୍ନା ସ୍ୱାଇଁ, ଅନୁ ପ୍ରସାଦ, ସସ୍ମିତା ଦଲାଇ, ସୁପ୍ରଭା ଜେନା, କିରଣ ଗୁପ୍ତା, ପ୍ରୀତମ କୌର, ପଦ୍ମାବତୀ ବେହେରା, ସଞ୍ଜିତା ମଣ୍ଡଳ, ପ୍ରାଞ୍ଜଳି ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ଆଭା ଅନ୍ୱେଷା ପକ୍ଷରୁ ଡେଲି ମାର୍କେଟ ସ୍ଥିତ ସରକାରୀ ହାଇସ୍କୁଲରେ ବୃକ୍ଷରୋପଣ କରାଯାଇଥଲା। କୁତ୍ରା ବିଇଓ ଶରତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବେଣୁଧର ସ୍ୱାଇଁ, ଅତିରିକ୍ତ ଶିକ୍ଷାଧିକାରୀ କୃପାସିନ୍ଧୁ ପତି, ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବଉଳ, ନିମ୍ବ, ଆମ୍ବ ସମେତ ଶତାଧିକ ଚାରାରୋପଣ କରାଯାଇଥିଲା। ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟ, ବିଶ୍ୱାସ, ପାରିଦର୍ଶିତା ଶକ୍ତିଶାଳୀ ଲୋକ ସମ୍ପର୍କକୁ ସୁଦୃଢ଼ କରିଥାଏ

ରାଉରକେଲା,୧୬।୭
(ବିପ୍ଳବ ରଞ୍ଜନ ଦାଶ)

**ଆର୍‌ଏସ୍‌ପିର ବିଶ୍ୱ ଲୋକସମ୍ପର୍କ ଦିବସ**

ଆର୍‌ଏସ୍‌ପିର ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଶ୍ୱ ଲୋକସମ୍ପର୍କ ଦିବସ ପାଳିତ ହୋଇଯାଇଛି। ଏ ନେଇ ଲୋକ ସମ୍ପର୍କ ସାମର୍ଥର ଶ୍ରେଷ୍ଠ ଉପଯୋଗ ଶୀର୍ଷକ ଏକ ଆଲୋଚନାଚକ୍ର ରାଉରକେଲା କ୍ଲବଠାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସି ଏଣ୍ଡ ଆଇଟି ବିଭାଗର ସିଜିଏମ କେ.କେ. ସେନଗୁପ୍ତା ମୁଖ୍ୟଅତିଥି, ଏନ୍‌ଆଇଟିର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆରଏସପି କାର୍ମିକ ବିଭାଗ ଜିଏମ ଡାକ୍ତର ପି. କେ. ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆରଏସପି କାର୍ମିକ କାର୍ଯ୍ୟ ବିଭାଗର ଜିଏମ୍ ଇନ୍‌ଚାର୍ଜ ଧୀରେନ୍ଦ୍ର ମିଶ୍ର ଏବଂ ଲୋକସମ୍ପର୍କ ବିଭାଗର ଜିଏମ୍ ଇନଚାର୍ଜ ତଥା ସଞ୍ଚାର ମୁଖ୍ୟ ଓ ପିଆରସିଆଇ ରାଉରକେଲା ଅଧ୍ୟାୟର ଅଧକ୍ଷା ଅର୍ଚ୍ଚନା ଶତପଥି ମଞ୍ଚାସୀନ ଥିଲେ। କୌଣସି ସଂସ୍ଥାର ଭାବମୂର୍ତ୍ତି ଗଠନ ସକାଶେ ଉଦ୍ଦେଶ୍ୟମୂଳକ, ବିଶ୍ୱସନୀୟ ଏବଂ ଶକ୍ତିଶାଳୀ ଯୋଗାଯୋଗର ଗୁରତ୍ୱ ଉପରେ ସେନଗୁପ୍ତା କହିଥିଲେ। ସତ୍ୟ, ବିଶ୍ୱାସ ଓ ପାରିଦର୍ଶିତା ହିଁ ଏକମାତ୍ର ଶକ୍ତିଶାଳୀ ଲୋକସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ସେ କହିଥିଲେ। ସେହିପରି ଉତ୍ତମ ଲୋକସମ୍ପର୍କ ସ୍ଥାପନ କରିବାକୁ ହେଲେ ଆପଣା ପଣ, ଆଗ୍ରହ ଓ ନିଷ୍ପତ୍ତି ନେବାର ସାମର୍ଥ୍ୟକୁ ଉଜ୍ଜୀବୀତ କରିବା ଜରୁରୀ ବୋଲି ପ୍ରଫେସର ଧୀମାନ କହିଥିଲେ। ଅର୍ଚ୍ଚନା ଶତପଥି ଲୋକ ସମ୍ପର୍କର ଶ୍ରେଷ୍ଠ ଉପଯୋଗ ବିଷୟକୁ ଉପସ୍ଥାପନା କରିବା ସହ ଦିବସର ମହତ୍ତ୍ୱ ଓ ପିଆରସିଆଇର କାର୍ଯ୍ୟଧାରା ବିଷୟରେ ସୂଚନା ଦେଇଥିଲେ।

# ‘ବର୍ଷାଋତୁ କବିର କବିତା ଧାରାକୁ ଅଳଙ୍କୃତ କରେ’

ରାଉରକେଲା,୧୬।୭(ବିପ୍ଳବ ରଞ୍ଜନ ଦାଶ)

**ସୁନ୍ଦରଗଡ ଜିଲା ଲେଖକ ସଂଘର ବର୍ଷାକାଳୀନ କବିତା ଆସର**

ରାଉରକେଲା ଛେଣ୍ଡ ମଧୁସୂଦନ ପାଠାଗାର ସଭାଗୃହରେ ସୁନ୍ଦରଗଡ ଜିଲା ଲେଖକ ସଂଘ ତରଫରୁ ବର୍ଷାକାଳୀନ କବିତା ଆସର ଓ ତ୍ରୈମାସିକ ପତ୍ରିକା ‘ନାଗରା’ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂ. ଅଭୟ କୁମାର ଦାସ ଯୋଗଦେଇ ଆଧୁନିକ କବିତାରେ କବିର କବିତା ବର୍ଷାଧାରାକୁ ଅଳଙ୍କୃତ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗଦେଇ ବର୍ଷା ହେଉଛି ଏକ ମୋହିନୀ ଶକ୍ତି। ଧରିତ୍ରୀ ନିମନ୍ତେ ଏକ ମିଠା ସ୍ପର୍ଶ, ଯାହାକି ପ୍ରକୃତିରାଣୀ ଓ ଧରା ପାଇଁ ଅମୃତତୁଲ୍ୟ ବୋଲି କହିଥିଲେ। ବର୍ଷାର ଧାରା କବିର କବିତାରେ ତାଣ୍ଡବ ଏବଂ ପ୍ରଳୟଙ୍କରୀ ଧାରାକୁ ମଧ ବିନାଶକାରୀ ରୂପରେ ଅଳଙ୍କୃତ କରେ ବୋଲି ତ୍ରିପାଠୀ କହିଥିଲେ। ବିଶିଷ୍ଟ କଥାକାର ଭୂପେନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଜିଲା ଲେଖକ ସଂଘ କର୍ମକର୍ତ୍ତା ଓ ଅତିଥିମାନଙ୍କ ଦ୍ୱାରା ତ୍ରୈମାସିକ ପତ୍ରିକା ‘ନାଗରା’ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଲେଖକ ସଂଘର ଡଳିରାଣୀ ବ୍ରହ୍ମା, ସଙ୍ଗୀତା ଦାସ, ସୁଚିସ୍ମିତା ପଣ୍ଡା, ଅଜୟ କୁମାର ମହାନ୍ତି ଓ ନିକୁ ବିହାରୀ ଦାଶଙ୍କ ଦ୍ୱାରା ଗଳ୍ପ ପଠନ କରାଯାଇଥିଲା। ଶେଷରେ ସାମ୍ମୁଖ୍ୟର ଉପସଭାପତି ଚିତରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି। (ଫଟୋ: ବିବେକ)

# ପରିଣତ ବୟସରେ ପରିବାର ଚିନ୍ତା

ରାଉରକେଲା,୧୬।୭
(ବିପ୍ଳବ ରଞ୍ଜନ ଦାଶ)

**ଲୁଗାପଟା ଇସ୍ତ୍ରି କରି ଘର ଚଳାଉଛନ୍ତି ବୃଦ୍ଧା**

ଘରେ ଦିବ୍ୟାଙ୍ଗ ପୁଅବୋହୂ। ରୋଜଗାର କହିଲେ ସରକାରଙ୍କ ମାସିକ ଭତ୍ତା ଓ ୧୫ କିଲୋ ଚାଉଳ। ଏଥିରେ ପରିବାର ଚଳାଇବା କଷ୍ଟସାଧ ହେବାରୁ ଲୁଗାପଟା ଇସ୍ତ୍ରି କରି ଘର ଚଳାଉଛନ୍ତି ଜଣେ ବୃଦ୍ଧା। ସେ ହେଲେ ରାଉରକେଲା ଉଦିତନଗରର ବଷ୍ଟି ସେଠୀ(୬୫)। ସ୍ଥାନୀୟ ଆୟକର ବିଭାଗ ଅଫିସ କାନ୍ଥକୁ ଜରିଟାଣି ବୃଦ୍ଧା ଜଣଙ୍କ ଦୀର୍ଘ ବର୍ଷ ହେଲା ଲୋକଙ୍କ ଲୁଗାପଟା ଇସ୍ତ୍ରି କରୁଛନ୍ତି।

ବଷ୍ଟିଙ୍କ ପରିବାର କହିଲେ ସ୍ୱାମୀ ନରେଶ ସେଠୀ(୭୫) ଓ ୨ପୁଅ ସନ୍ତୋଷ ଓ ଗଣେଷ। ସନ୍ତୋଷଙ୍କ ବିବାହ ହୋଇଥିବା ବେଳେ ସେ ସ୍ତ୍ରୀ, ୨ ଝିଅ ଓ ବାପା ନରେଶଙ୍କୁ ପାଖରେ ରଖିଛନ୍ତି। ଅନ୍ୟପଟେ ଗଣେଷ ଆଜନ୍ମ ଦିବ୍ୟାଙ୍ଗ ହୋଇଥିବାରୁ କେହି ତାଙ୍କର ପ୍ରତିପୋଷଣ ପାଇଁ ରାଜି ହୋଇ ନ ଥିଲେ। ଫଳରେ ବଷ୍ଟି ବାଧହୋଇ ପରିଣତ ବୟସରେ ପୁଅକୁ ଧରି ଉଦିତନଗରରେ ଏକ ଭଡା ଘରେ ରହିଲେ। ଏଥିସହ ତାଙ୍କର ବିବାହ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ସହ କରାଇଲେ। ମାସିକ ଘରଭଡ଼ା ଓ ପରିବାର ଚଳାଇବା ପାଇଁ ବଷ୍ଟି ଆୟକର ବିଭାଗ ଅଫିସ କାନ୍ଥରେ ଜରି ଟାଣି ଲୋକଙ୍କ ଲୁଗାପଟା ଇସ୍ତ୍ରି କରୁଛନ୍ତି। ଅନ୍ୟପଟେ ବୋହୂକୁ ଏଯାଏ ଭିନ୍ନକ୍ଷମ ଭତ୍ତା ମିଳିପାରି ନ ଥିବା ସେ କହିଛନ୍ତି। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



ବୃଦ୍ଧା ବଷ୍ଟି ଲୋକଙ୍କ ଲୁଗାପଟା ଇସ୍ତ୍ରି କରୁଛନ୍ତି।

## ସଂକ୍ଷେପରେ

### ସ୍ୱାମୀ ବିବେକାନନ୍ଦ ପାଠାଗାରର ସାଧାରଣ ବୈଠକ

**ପାଇକମାଲ,୧୬।୭(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ବ୍ଲକ ଟେମରୀ ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ ପାଠାଗାରର ଏକ ସାଧାରଣ ବୈଠକ ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଠାଗାରର ଉନ୍ନତି, ପଞ୍ଜୀକରଣ, ମହାପୁରୁଷମାନଙ୍କ ଜନ୍ମଦିବସ ପାଳନ ସହ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାମ କରିବା ପାଇଁ ସ୍ଥିର ହୋଇଥିଲା। ସନ୍ତୋଷ ସିଂ ଠାକୁର, ପିତାମ୍ବର ବନଛୋର, ପ୍ରଦୀପ ଠାକୁର, ତେଜରାଜ ବନଛୋର, ଉପେନ୍ଦ୍ର ସାହୁ, ବାଳକୃଷ୍ଣ ବନଛୋର, ନାରାୟଣ ଥପା, ଚୂଡ଼ାମଣି ବନଛୋର, ଅଜାମିଲ ଜାଲ, ଧ୍ରୁବଚରଣ ବରିହା, କୃଷ୍ଣଚନ୍ଦ୍ର ଠାକୁର, ଲୋକନାଥ ବାଗ, ନୋଭେଲ ସିଂ, ପ୍ରତାପ ବାରିକ, ଶରତ ସିଂ ଠାକୁର, ମୁରାରୀ ପ୍ରଧାନ, ଟିକେଶ୍ୱର ବରିହା ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ବରପାଲି,୧୬।୭(ଚିତ୍ତରଞ୍ଜନ ସାହୁ):** ବରପାଲି ଅଞ୍ଚଳର ସାମାଜିକ କର୍ମୀ ଦାମୋଦର ରାଉତଙ୍କ ରବିବାର ସକାଳ



୮ଟା ୧୫ ମିନିଟରେ ପରଲୋକ ହୋଇଛି। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେଲା ରୋଗରେ ପୀଡିତ ଥିଲେ। ତାଙ୍କ ମରଶରୀରକୁ ବରପାଲି ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା। ପୁତୁରା ସମ୍ବିତ ରାଉତ ମୁଖାଗ୍ନି ଦେଇଥିଲେ। ବିଜେଡି ଯୁବନେତା ସୌରଭ ସାହୁ, ମନ୍ତ୍ରୀ ପ୍ରତିନିଧି ଟିକାୟତ ମହତ୍ତମ, ନଗରପାଳ ଦୀନେଶ ଗହୀର, ପୂର୍ବତନ ନଗରପାଳ ଅଚ୍ୟୁତାନନ୍ଦ ଦାଶ, ଗଦାଧର ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ବୈଷ୍ଣବ ସମାଜର ନୂତନ କର୍ମକର୍ତ୍ତା

**ଡୁଙ୍ଗୁରିପାଲି, ୧୬।୭(ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଠିକିଡି ପଡ଼ାସ୍ଥିତ ମାହେଶ୍ୱରୀ ଯୁବକ ସଂଘ ସଭାଗୃହରେ ରବିବାର ବ୍ଲକ ବୈଷ୍ଣବ ସମାଜର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପିତ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତେ ଜାଗ୍ରତ ହୋଇ କାର୍ଯ୍ୟ କଲେ ସମାଜ ଆଗକୁ ଆହୁରି ଯାଇପାରିବ ବୋଲି ମତପକାଶ ପାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନକୁ ନେଇ ବିଭିନ୍ନ ପ୍ରସ୍ତାବ ଗୁଡିକ ଆଗତ କରାଯାଇଥିଲା। ନୂତନ କର୍ମକର୍ତ୍ତା ଚୟନ କମିଟିର କାର୍ଯ୍ୟକାଳ ୩ବର୍ଷ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। କମିଟି ସଭାପତିଭାବେ ଉଜ୍ୱଳ ଦାସ, ଉପସଭାପତି ବାବୁଲାଲ ଦାସ, ସମ୍ପାଦକ ମିନକେତନ ଦାସ, ସହସମ୍ପାଦକ କୈଳାସ ଦାସ, କୋଷାଧକ୍ଷ ଗୋପାଳ ଦାସଙ୍କୁ ଚୟନ କରାଯାଇଛି। ସେହିପରି ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି। କର୍ମକର୍ତ୍ତା ଚୟନ ସମୟରେ ରୁକ୍ମଣ ଦାସ, ସରୋଜ ଦାସ, ଯୁବାନନ୍ଦ ଦାସ ଉପସ୍ଥିତ ଥିଲେ। ଏହା ସହିତ ଏକ କାର୍ଯ୍ୟକାରୀ ଯୁବଦଳ କମିଟି ମଧ ଗଠନ କରାଯାଇଛି। ପିତ୍ର ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ରାସ୍ତା ପାଲଟିଛି ମରଣଯନ୍ତା

**ଅତାବିରା,୧୬।୭(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତରୁ ଖଲିଆପାଲିକୁ ସଂଯୋଗ କରିଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁ ଲୋକେ ପଞ୍ଚାୟତ ଅଫିସକୁ ଆସିବାରେ ହଟହଟାର



ସମ୍ମୁଖୀନ ହେଉଛନ୍ତି। ସେହିପରି ସ୍କୁଲ, କଲେଜ ଯିବାରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଅସୁବିଧା ହେଉଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଶେଷଦେବ ଛନ୍ଦଙ୍କୁ ମୋବାଇଲ ନଂ. ୮୨୪୯୬୬୪୭୬୧ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ମୋବାଇଲ ବନ୍ଦ ଥିବା ଯୋଗୁ ମତାମତ ମିଳିପାରି ନାହିଁ । ସେହିପରି ଅତାବିରା ଏନଏସି ଅଧୀନ ୱାର୍ଡ ନଂ-୮ ତୁଳସୀନଗରକୁ ଯିବା ପାଇଁ ରାସ୍ତା ମଧ୍ୟ ପ୍ରାୟ ୨ଶହ ମିଟର ଶୋଚନୀୟ ହୋଇପଡ଼ିଛି । ଫଳରେ ସ୍ଥାନୀୟ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତା, ଅବୈଧ ସମ୍ପର୍କରୁ ହତ୍ୟା



ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ପୋଲିସ୍ ସିନ୍ ରିକ୍ରିଏଟ୍ କରୁଛି ।

- ସୁରଜ ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ୪ ଗିରଫ
- ତଦନ୍ତରେ ସହାୟକ ହେଲା ସିସିଟିଭି ଫୁଟେଜ୍
- ଘଟଣାସ୍ଥଳରେ ସିନ୍ ରିକ୍ରିଏଟ୍ କଲା ପୋଲିସ

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ସୁରଜ ଦାଶ(୨୦) ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୬ ବ୍ରହ୍ମଚାରୀର ଆକାଶ ପାଇକ(୨୧), ବଡ଼ଭାଇ ବଣ୍ଟି ପାଇକ(୨୭), ୱାର୍ଡ ନଂ-୧୧ ନୂଆପଡ଼ାର କାଜୁ ଭୋଇ(୨୧) ଏବଂ ୱାର୍ଡ ନଂ-୫ ବିଂଶିପଡ଼ାର ତରୁଣ ବାରିକ(୨୬)। ସେମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ପଥର, ଠେଙ୍ଗା, ଗାମୁଛା, ଗୋଟିଏ ମୋବାଇଲ, ଗୋଟିଏ ବାଇକ୍ (ନଂ.ଓଡ଼ି୧୭ଟି/୦୪୫୦) ଜବତ ହୋଇଛି। ପୋଲିସ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୩୦୨, ୨୦୧ ଏବଂ ୧୨୦(ବି) ଆଇପିସିରେ ଏକ ମାମଲା(ନଂ.୪୬୭/୨୩) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ସିନ୍ ରିକ୍ରିଏଟ୍ କରିଥିବାବେଳେ ରବିବାର କୋର୍ଟଚାଲାଣ କରିଛି।

ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଶନିବାର ସକାଳେ ବରଗଡ଼ ଗାନ୍ଧୀ ଛକ ନିକଟ ଫରେଷ୍ଟ ଅଫିସ ସମ୍ମୁଖ ତଥା ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟ କାନ୍ଥକୁ ଲାଗି ରହିଥିବା ଗଳିରେ ୱାର୍ଡ଼ ନଂ-୧୧ ମଙ୍ଗଳା ଝୁଣ୍ଟୁଡ଼ିର ସୁରଜଙ୍କ ମୃତଦେହ ପଡ଼ି ରହିଥିଲା । ତାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ବଡ଼ଭାଇ ଶଙ୍କର ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ମାମଲା ରୁଜୁ ସହ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ମୁଖ୍ୟ ଅଭିଯୁକ୍ତ ଆକାଶ ପ୍ରଥମେ ଧରାପଡ଼ିଥିଲେ। ଏହାପରେ ତାଙ୍କ ବୟାନ, ସିସିଟିଭି ଫୁଟେଜ ଯାଞ୍ଚ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

ଅତିରିକ୍ତ ଏସ୍‌ପି ମହାନ୍ତି ଆହୁରି କହିଥିଲେ, ଅଭିଯୁକ୍ତମାନେ ପ୍ରଥମେ ସୁରୁଜଙ୍କୁ ବାଇକ୍ ଯୋଗେ ମୁଖ୍ୟ ଅଭିଯୁକ୍ତ ଆକାଶଙ୍କ ବ୍ରହ୍ମଚାରୀସ୍ଥିତ ଘରକୁ ନେଇ ଯାଇଥିଲେ। ସେଠାରେ ଆକାଶ, ବଣ୍ଟି ଏବଂ କାଜୁ ମାଡ଼ ମାରିବା ପରେ କଟାପାଲି କେନାଲ ନାଳ ପାଖକୁ ନେଇଥିଲେ ଏବଂ ସେଠାରେ ମଧ୍ୟ ସୁରଜଙ୍କୁ ଠେଙ୍ଗା, ପଥରରେ ମାରିବା ସହିତ ଗାମୁଛା ବ୍ୟବହାର କରି ହତ୍ୟା କରିଥିଲେ । ଏହାପରେ ପୋଲିସକୁ ଭ୍ରମିତ କରିବା ପାଇଁ ଅଭିଯୁକ୍ତମାନେ ମୃତଦେହକୁ ବାଇକ୍ ଯୋଗେ ଧରି ଗାନ୍ଧୀ ଛକ ନିକଟ ବିଦ୍ୟୁତ କାର୍ଯ୍ୟାଳୟ କାନ୍ଥକୁ ଲାଗି ରହିଥିବା ଗଳିକୁ ଆସିଥିଲେ ଏବଂ ସେଠାରେ ମୃତଦେହ ପକାଇ ଦେଇ ଖସି ଯାଇଥିଲେ । ତେବେ ଅଭିଯୁକ୍ତ ତରୁଣ ଅନ୍ୟ ୩ ଅଭିଯୁକ୍ତଙ୍କୁ ଘରେ ଆଶ୍ରୟ ଦେବା, ଘରକୁ ନେଇ ଛାଡ଼ିଦେବା ଏବଂ ଗଳିରେ ପଡ଼ିଥିବା ସୁରଜ ଜୀବିତ ଅଛନ୍ତି ନା ମୃତ ତାହା ଦେଖିବା ପାଇଁ ସେଠାକୁ ବାରମ୍ବାର ଆସିଥିଲେ ଏବଂ ଏହା ମଧ୍ୟ ସିସିଟିଭି ଫୁଟେଜ୍‌ରେ କଏଦ ରହିଛି ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଥିଲେ ।

ତେବେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତା ଏବଂ ଅବୈଧ ସମ୍ପର୍କ ପାଇଁ ସୁରଜଙ୍କୁ ହତ୍ୟା କରିଥିବା ନେଇ ବୟାନ ଦେଇଥିବାବେଳେ ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଗତ ୬ ମାସ ତଳେ ମୁଖ୍ୟ ଅଭିଯୁକ୍ତ ଆକାଶଙ୍କୁ କୁଆଡ଼େ ସୁରଜ ଛୁରାମାଡ଼ କରିଥିବା ନେଇ ସେ କହିଥିବାବେଳେ ଅବୈଧ ସମ୍ପର୍କ ଯୋଗୁ ମଧ୍ୟ ହତ୍ୟାକାଣ୍ଡ ଭିଆଇଥିବା ନେଇ ଆକାଶ ବୟାନ ଦେଇଛନ୍ତି । ତେବେ ପୂର୍ବ ଶତ୍ରୁତା ଯୋଗୁ ଅଭିଯୁକ୍ତମାନେ ହତ୍ୟା ଭିଆଇଥିବା ପ୍ରାଥମିକ ତଦନ୍ତରୁ ଅଧିକ ସ୍ପଷ୍ଟ ହୋଇଥିବାବେଳେ ଅବୈଧ ସମ୍ପର୍କ ଦିଗକୁ ନେଇ ମଧ୍ୟ ତଦନ୍ତ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲ ଉପସ୍ଥିତ ଥିଲେ ।

# ବେଆଇନ ରାଶନ କାର୍ଡ ରଦ୍ଦ କର



ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

### ଯୋଗାଣ ଅଧିକାରୀଙ୍କୁ ଭାଜପାର ଦାବିପତ୍ର ପ୍ରଦାନ

**ବରପାଲି,୧୬।୭(ଚିତ୍ତରଞ୍ଜନ ସାହୁ)**

ବରପାଲି ଏନ୍‌ଏସି ଓ ବ୍ଲକରେ ବଣ୍ଟନ ହୋଇଥିବା ରାଶନ କାର୍ଡ ପ୍ରକୃତ ହିତାଧିକାରୀଙ୍କୁ ମିଳିନାହିଁ। ତେଣୁ ବେଆଇନ ଭାବେ ଦିଆଯାଇଥିବା ରାଶନ କାର୍ଡଗୁଡିକୁ ରଦ୍ଦ କରିବା ପାଇଁ ଭାଜପା ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି, ବରପାଲି ସହର ତଥା ଗ୍ରାମାଞ୍ଚଳରେ ଶତକଡା ୮୦ଭାଗ ଧନୀକ ଶ୍ରେଣୀର ଲୋକଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ରହିଛନ୍ତି। ଏପରି ବେଆଇନ କାର୍ଯ୍ୟକୁ ଗତ ଦୁଇ ବର୍ଷ ହେଲା ଭାଜପା ବିରୋଧ କରିଆସୁଥିଲେ ସୁଦ୍ଧା ଏହାର କୌଣସି ତଦନ୍ତ କରାଯାଇନାହିଁ। ଏହି ଅନୈତିକ ରାଶନ କାର୍ଡଗୁଡ଼ିକୁ ସର୍ଭେ କରି ରଦ୍ଦ କରିବାକୁ ଦାବି କରି ଦଳ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗଣ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା ସୁରେନ୍ଦ୍ର ପାତ୍ର, ନଗର ମଣ୍ଡଳ ସଭାପତି ପଦ୍ମଲୋଚନ ସାହୁ, ଗୁଣନିଧି ମେହେର, ଦୟାଳୁ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ରକ୍ତଦାନ ଶିବିର, ୪୪ ୟୁନିଟ୍ ସଂଗ୍ରହ



ଶିବିରରେ ଜଣେ ମହିଳା ରକ୍ତ ଦାନ କରୁଛନ୍ତି।

**ପଦ୍ମପୁର,୧୬।୭(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ସହଯୋଗ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଧାୟିକା ବରିହା ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତ ମୌସମ ପାଗଡା, ସମ୍ପାଦକ ତାପସ ନାୟକ, ପ୍ରଭୁଦତ୍ତ ପଣ୍ଡା, ରମାକାନ୍ତ ବହିଦାର, ଈଶ୍ୱର ମେହେର, ଅଜୟ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ମନୀଷ ଦୋର, ବିକାଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ରବିବାର ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ସତ୍କାର କରିଛନ୍ତି। ଅତାବିରା ବ୍ଲକ ଗୋଡ଼ଭଗା ଅଞ୍ଚଳକୁ ଜଣେ ବୃଦ୍ଧ ଆସି ଭିକ୍ଷାବୃତ୍ତି କରି ଜୀବନ ଅତିବାହିତ କରୁଥିଲେ। ସେ କେବେ ସ୍ଥାନୀୟ ଆରଏମସି ଅଫିସ ବାରଣ୍ଡା ତ ଆଉ କେବେ ସମଲେଶ୍ୱରୀ ମନ୍ଦିରରେ ଦିନରାତି କାଟୁଥିଲେ। କିନ୍ତୁ ଗତ ୧୨ତାରିଖରେ ଗୋଡ଼ଭଗା ଆରଏମସି ବଜାର ପରିସରରେ ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୋଲିସ ବରଗଡ଼ ଡାକ୍ତରଖାନାକୁ ପଠାଇଥିଲା। ତେବେ ଚିହ୍ନଟ ପାଇଁ ମୃତଦେହକୁ ନିୟମ ଅନୁଯାୟୀ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ଏହାସତ୍ତ୍ୱେ ପରିଚୟ ମିଳି ପାରି ନ ଥିଲା। ଫଳରେ ମୃତଦେହ ସତ୍କାର ପାଇଁ ଅତାବିରା ପୋଲିସ ସଂକଳ୍ପ ପରିବାରକୁ ଅନୁରୋଧ କରିଥିଲା। ଏହାପରେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀ ଚିନ୍ମୟ ପାଣ୍ଡେ, ଅନନ୍ତ ଚରଣ ସାହୁ, ଅଭିନୟ ମିଶ୍ର ପ୍ରମୁଖ ପୋଲିସ କନେଷ୍ଟବଳ ପଙ୍କଜିନୀ ତ୍ରିପାଠୀ, ଗୋଡ଼ଭଗାର ନାଗରିକ ଯୁଗଳ ନାଗ, ଭରତ ବାରିକ, ତୁଳାରାମ ସୁନାଙ୍କ ଉପସ୍ଥିତିରେ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କରିଥିଲେ।

# ୨୧ରେ ଘରୋଇ ବିଦ୍ୟାଳୟ ବନ୍ଦ ରହିବ



ସଂଘ କର୍ମକର୍ତ୍ତାମାନେ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

### ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ ବୈଠକରେ ନିଷ୍ପତ୍ତି

**ସୋନପୁର,୧୬।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନର ଏକ ବୈଠକ ଜିଲା ସଭାପତି ଗତିକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ପଟାଭାଡିସ୍ଥିତ ଦୟାନିଧି ପ୍ଲେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଲ ଓଡିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନର ଆହ୍ୱାନକ୍ରମେ ଆସନ୍ତା ୨୧ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଗଣଧାରଣା ଓ ବିକ୍ଷୋଭ ସମ୍ପର୍କରେ ସଂଘର ଜିଲା ସମ୍ପାଦକ ଶିବ ପ୍ରସାଦ ପାତ୍ର ଓ ଜିଲା ସଂଯୋଜକ କ୍ଷୀରସାଗର ବିଭାର ବୈଠକରେ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲାର ସମସ୍ତ ଘରୋଇ ବିଦ୍ୟାଳୟ ଏହି ଆନ୍ଦୋଳନରେ ସାମିଲ ହେବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ନିଜସ୍ୱ ଭିତ୍ତିଭୂମି ଥିବା ସ୍କୁଲମାନଙ୍କୁ ସବୁଦିନିଆ ସ୍ୱୀକୃତି ପ୍ରମାଣପତ୍ର ଓ ଭଡା ଘରେ ଚାଲୁଥିବା ଘରୋଇ ସ୍କୁଲମାନଙ୍କୁ ରାଜ୍ୟ ସରକାର ଅତି କମ୍‌ରେ ୧୦ବର୍ଷ ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ ପାଇଁ ଦାବି ହୋଇଛି। ସେହିପରି ପାତରଅନ୍ତର ନୀତିରେ ଯେଉଁ ସ୍କୁଲମାନଙ୍କୁ ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ଦିଆଯାଇନି ସେମାନଙ୍କୁ ଶୀଘ୍ର ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ ପାଇଁ ଦାବି ହୋଇଥିଲା। ସରକାରୀ ପାଠ୍ୟ ପୁସ୍ତକ ମାଗଣାରେ ପ୍ରଦାନ କରିବା ଓ ଘରୋଇ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ୨୫% ବେତନ ସରକାରୀ ତହବିଲରୁ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କିତ ସ୍ମାରକପତ୍ର ବିଇଓ, ଡିଇଓ ଓ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲାର ସମସ୍ତ ୬ଗୋଟି ବ୍ଲକର ଘରୋଇ ବିଦ୍ୟାଳୟର ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ଥିଲେ।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବିନିକା ୧୬।୭(ରାମ ଗୋପାଳ ବାଘ )**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଚଟୁଓ, ଭୀମ ଭୋଇ ସେବା ଫାଉଣ୍ଡେସନ ବିନିକା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ବିଶିଷ୍ଟ ସମାଜସେବିକା ଶ୍ୟାମାଦେବୀ ଅଗ୍ରୱାଲା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବିନିକା ନଗରପାଳ ସୁବାଷ ଚନ୍ଦ୍ର ଭୁଏ, କାଉନସିଲର ବିଜୟ ବରାଇ ଯୋଗଦେଇଥିଲେ। ଚିକିତ୍ସାଳୟର ମୁଖ୍ୟ ଟେକନିସିଆନ ସୁଜିତ ଥପା, ଆଦର୍ଶ ଦାସ, ମିତାଞ୍ଜଳି ବଣ୍ଡକି, ବୈଷ୍ଣବୀ ମଲ୍ଲିକ, ଦୀପିକା ବେହେରା ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ମୋଟ ୭୯ଜଣ ରୋଗୀ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ମାସର ତୃତୀୟ ରବିବାର ବିନିକାରେ ଏହି ଶିବିର ଅନୁଷ୍ଠିତ ହେବ ବୋଲି ଭୀମ ଭୋଇ ସେବା ଫାଉଣ୍ଡେସନ ପ୍ରତିଷ୍ଠାତା ରାମ ଗୋପାଳ ବାଘ, ଓଏଚଟୁଓର ସଭାପତି ସୃଜନ ପଣ୍ଡା ଜଣାଇଛନ୍ତି। ଶିବିରରେ ଏନଏସିର ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# କାମରେ ଲାଗୁନି ଆବର୍ଜନା ପୃଥକୀକରଣ କେନ୍ଦ୍ର

**ପଦ୍ମପୁର,୧୬।୭(ପ୍ରଦୀପ୍ତ ଦାଶ)**

୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନରେ ପଦ୍ମପୁର ଉପଖଣ୍ଡ ବିଭିନ୍ନ ବ୍ଲକର ପଞ୍ଚାୟତ ଓ ଗ୍ରାମରେ ଆବର୍ଜନା ପୃଥକୀକରଣ କେନ୍ଦ୍ର ମାନ ନିର୍ମାଣ କରାଯାଇଛି। ଏଥିପାଇଁ ୯୦ହଜାରରୁ ୧ଲକ୍ଷ ଟଙ୍କା ବ୍ୟୟ କରାଯାଇ ଛି। ତିନୋଟି ଅଲଗା କୁଣ୍ଡ ନିର୍ମାଣ କରାଯିବା ସହ ବିଭିନ୍ନ ପ୍ରକାର ଅଳିଆ ପକାଇବା ପାଇଁ କାନ୍ଥରେ ଲେଖାଯାଇଛି। ଏହାର ଉପଯୋଗିତା ଉପରେ ଚିତ୍ର ମଧ ଅଙ୍କାଯାଇଛି। ତେବେ ନିର୍ମାଣ ହେବାର ଇତିମଧରେ ବର୍ଷେ ବିତିଯାଇଥିଲେ ମଧ ଏହା କାମରେ ଲାଗୁନି। ପଦ୍ମପୁର ବ୍ଲକ ଦହିଗାଁ ଆବର୍ଜନା ପୃଥକୀକରଣ କେନ୍ଦ୍ରରେ ଏଭଳି ଦେଖିବାକୁ ମିଳିଛି। ଏହି ଅଳିଆ କୁଣ୍ଡ ଗୁଡିକ ଖାଲି ପଡିଥିବା ବେଳେ ଗାଁ ରାସ୍ତା ପାର୍ଶ୍ୱରେ ମାନଙ୍କରେ ଗଦା ଗଦା ଆବର୍ଜନା ପଡିରହୁଥିବା ଦେଖିବାକୁ ମିଳିଛି।



ଦହିଗାଁ ପୃଥକୀକରଣ କେନ୍ଦ୍ର ସମ୍ମୁଖରେ ଆବର୍ଜନା ଗଦା ହୋଇଛି।

# ପ୍ରତିମୂର୍ତ୍ତି ଉଠାଇନେଲେ, ପୁନଃ ସ୍ଥାପନ ହେଲାନି

### ମହିମା ଧର୍ମାବଲମ୍ବୀଙ୍କ ମନରେ ଦୁଃଖ

**ସୋନପୁର,୧୬।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଛକରେ ଦୀର୍ଘବର୍ଷ ପୂର୍ବରୁ ସ୍ଥାପନ କରା ଯାଇଥିଲା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି। ଏହା ବ୍ଲକ ଛକର ଶୋଭା ବଢାଉଥିଲା। ରାସ୍ତା ପ୍ରଶସ୍ତିକରଣ ସମୟରେ ପୂର୍ତ୍ତ ବିଭାଗ ଏହି ପ୍ରତିମୂର୍ତ୍ତିକୁ ପ୍ରୋକଲେନ୍ ସହାୟତାରେ ଉଠାଇ ନେଇଥିଲା। ଇତିମଧରେ ଦୀର୍ଘ ୨ବର୍ଷ ବିତି ଗଲାଣି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ହୋଇପାରିନି। ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଗ୍ୟାରେଜ୍‌ରେ ପ୍ରତିମୂର୍ତ୍ତିଟି ସେମିତି ପଡି ରହିଥିବା ଦେଖିବାକୁ ମିଳିଛି। ଅନ୍ଧାରିଆ କୋଠରିରେ ଆବର୍ଜନା ଭିତରେ ଥିବା ପ୍ରତିମୂର୍ତ୍ତି ଉପରେ ବୁଢିଆଣୀ ଜାଲ ଓ ଧୂଳି ଆଚ୍ଛାଦିତ ହୋଇ ରହିଛି। ଜିଲା ପ୍ରଶାସନ ପକ୍ଷରୁ ବ୍ଲକ ଛକରେ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ହୋଇ ନଥିବାରୁ ମହିମା ଧର୍ମାବଲମ୍ବୀ ଓ ଜନସାଧାରଣ ଦୁଃଖ ପ୍ରକାଶ କରିଛନ୍ତି ।

ସୋନପୁର ବ୍ଲକର ଖଲିଆପାଲି ହେଉଛି ଭୀମଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠ। ଏହି ମାଟିରେ ଭୀମଭୋଇ ସାହିତ୍ୟ ସର୍ଜନା କରି ସନ୍ଥକବି ଭାବେ



ପ୍ରୋକଲିନ ଦ୍ୱାରା ପୂର୍ତ୍ତ ବିଭାଗ ପକ୍ଷରୁ ଭୀମଭୋଇଙ୍କ ପ୍ରତିମୂର୍ତ୍ତିକୁ ଉଠାଯାଉଛି। (ଫାଇଲ ଫଟୋ)

ଖ୍ୟାତି ପାଇଥିଲେ। ସେ ଓଡିଆ ଜାତିକୁ ଦେଇଥିଲେ ସ୍ୱତନ୍ତ୍ର ପରିଚୟ। ଦୁନିଆକୁ ଜନ୍ମରୁ ଦେଖି ନଥିବା ଏହି ସନ୍ଥ ଜଣକ ଏ ଜାତିକୁ ବିଶ୍ୱ ଦେଖାଇଛନ୍ତି। ସନ୍ଥକବିଙ୍କ ବାଣୀ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ଜାତିସଂଘର କାନ୍ଥରେ ଲେଖାଯାଇଛି। ଯେଉଁ ମହାପୁରୁଷଙ୍କ ବାଣୀକୁ ସାରା ଦୁନିଆ ପଢୁଛି ତାଙ୍କୁ ନିଜ ସିଦ୍ଧି ଓ ସାଧନା ପୀଠରେ ଅସମ୍ମାନ କରାଯାଉଛି।

ଜିଲାରେ କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ଧାର୍ଯ୍ୟ ସମୟ ଭିତରେ କାର୍ଯ୍ୟ ସମ୍ପାଦିତ ହୋଇ ପାରୁଛି। ଖଲିଆପାଲି ସ୍ଥିତ ସମାଧି ପୀଠରେ ସନ୍ଥକବିଭୀମ ଭୋଇ ଓ ମହିମା ଧର୍ମ ଉପରେ ଗବେଷଣା ପାଇଁ ଫିଲ୍ଡ ସେଣ୍ଟର ପ୍ରତିଷ୍ଠା ହେବକୁ ଯାଉଛି। ମାତ୍ର ଜିଲା ମୁଖ୍ୟାଳୟରେ ସନ୍ଥ କବିଙ୍କ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ ପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଓ ପ୍ରଶାସନର ଆନ୍ତରିକତା ନାହିଁ। ମହିମା ସାଧୁସନ୍ଥମାନେ ସୋନପୁରକୁ ଆସିଲେ ବ୍ଲକ ଛକର ସେହି ସ୍ଥାନରେ ସନ୍ଥକବିଙ୍କୁ ଖୋଜୁଛନ୍ତି। ଚଳିତ ବର୍ଷ ଖଲିଆପାଲି ମାଘମେଳାରେ ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନେ ବିଭିନ୍ନ ସ୍ଥାନରୁ ଆସି ଏକତ୍ରିତ ହୋଇଥିଲେ।



ସୋନପୁର ବ୍ଲକ ଛକରୁ ସ୍ଥାନାନ୍ତର କରାଯାଇଥିବା ସନ୍ଥ କବିଙ୍କ ପ୍ରତିମୂର୍ତ୍ତି।

ସେମାନେ ସୋନପୁର ଦେଇ ନିଜ ଆଶ୍ରମକୁ ଫେରୁଥିବା ବେଳେ ବ୍ଲକ ଛକଠାରେ ସେହି ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ହୋଇ ନଥିବା ଜାଣି ଗଭୀର ଦୁଃଖ ପ୍ରକାଶ କରୁଥିଲେ। ସେହିପରି ଭୀମ ଭୋଇଙ୍କ ଜୟନ୍ତୀରେ ଶ୍ରଦ୍ଧାଳୁ ଓ ମହିମା ଧର୍ମାବଲମ୍ବୀ ମାନେ ପ୍ରତିମୂର୍ତ୍ତି ନ ଦେଖି ଦୁଃଖିତ ହୋଇଥିଲେ। ତେଣୁ ପ୍ରଶାସନ ସ୍ଥାନ ଯଥାଶୀଘ୍ର ନିରୂପଣ କରି ସହରରେ କବିଙ୍କ ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ କରିବାକୁ ଜନସାଧାରଣ ଓ ସଂସ୍କୃତି ପ୍ରେମୀ ଦାବି କରିଛନ୍ତି।

**ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା**

**ସମ୍ବଲପୁର, (ବି.ଶଙ୍କର):** ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସଭାକକ୍ଷରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲାସ୍କୁଲର ୧୯୭୦ ମାଟ୍ରିକ ବ୍ୟାଚ ଆୟୋଜିତ ପ୍ରତିଯୋଗିତାରେ ୪ଦଳ ଭାଗ ନେଇଥିଲେ। ସରୋଜିନୀ ହାଉସ ପ୍ରଥମ ଓ କାଲାମ ହାଉସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ବଲପୁର ସରକାରୀ ମହିଳା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାଶ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ମହମ୍ମଦ ରିଆଜ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଲୋକିତା ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ୬୫ତମ ପ୍ରତିଷ୍ଠା ଦିବସ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ୧୦୮ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ। କମଳିବଜାର ଗାୟତ୍ରୀ ପୀଠ, ସନ୍ଧ୍ୟା ୫ଟା।
- ଶ୍ରୀରାମ ଲୁହାର ସଙ୍ଗୀତ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ୧୮ରେ ଆସାମର ସଂସ୍କୃତି ଓ ପର୍ଯ୍ୟଟନ ତଥା ଶକ୍ତି, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

**ସମ୍ବଲପୁର,୧୬।୭(ବି.ଶଙ୍କର):** ଆସାମର ସଂସ୍କୃତି ଓ ପର୍ଯ୍ୟଟନ ତଥା ଶକ୍ତି, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ବିମଲ ବୋରା ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ସେ ଜୁଲାଇ ୧୮ ତାରିଖ ଅପରାହ୍ନ ୫ଟାରେ କଚେରୀ ଛକ ସ୍ଥିତ ବେଜବରୁଆ ଭବନରେ ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ପୂର୍ଣ୍ଣ ଆବୟବ ପ୍ରତିମୂର୍ତ୍ତି ସ୍ଥାପନ ସକାଶେ ଭୂମିପୂଜାରେ ଯୋଗଦେବେ। ଓଡିଶାର ଓଡିଆ ଭାଷା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମଧ ଅତିଥି ଭାବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାଶ ମଧ ଏ ଉତ୍ସବରେ ସାମିଲ ହେବେ। ସନ୍ଧ୍ୟା ୬ଟାରେ ଓଡିଶା ସାଂସ୍କୃତିକ ସମାଜ ସଭାଗୃହ କାର୍ଯ୍ୟକ୍ରମ ହେବ। ୧୯ ତାରିଖ ଅପରାହ୍ନ ୪ଟାରେ ସମ୍ବଲପୁରରୁ ବିଦାୟ ନେବା ପୂର୍ବରୁ ମନ୍ତ୍ରୀ ବିମଲ ବୋରା ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ସମ୍ବଲପୁର ଆଖପାଖର ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିବେ।

# ସର୍କିଟ୍ ହାଉସରେ ସିକ୍ରେଟ ମନ୍ତ୍ର

**ସମ୍ବଲପୁର,୧୬।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଦୁଇଦିନିଆ ଗସ୍ତରେ ୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ସରକାରୀ ଗସ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହ ଶେଷ ହୋଇଛି। ଦୁଇଦିନିଆ ଗସ୍ତର ପ୍ରଥମ ଦିନରେ ଶନିବାର କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ସାରିବା ପରେ ସର୍କିଟ୍ ହାଉସରେ ରାତ୍ରିଯାପନ କରିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ରହିଥିଲା। କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି), ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ମଧ ଉପସ୍ଥିତ ରହିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ କାର୍ଯ୍ୟକ୍ରମ ଶେଷ ହେବା ପରେ ଜିଲାର କେତେକ ନେତାଙ୍କୁ ନେଇ ସିକ୍ରେଟ୍ ବୈଠକ ହୋଇଥିଲା। ପର୍ଯ୍ୟାୟକ୍ରମେ ସମ୍ବଲପୁର ବିଧାନସଭାରୁ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଯୁବନେତା ତଥା କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ ବାବୁ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ଉପସ୍ଥିତ ରହିଥିଲେ।

ସେହିପରି ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ନେତାମାନଙ୍କ ମଧ୍ୟରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ଯୁବନେତା ବରୁଣ ଦେହୁରୀ, ବରିଷ୍ଠ ନେତା ସୁଦର୍ଶନ ସାହୁ ଉପସ୍ଥିତ ରହିଥିଲେ। ରେଙ୍ଗାଲି ନିର୍ବାଚନମଣ୍ଡଳୀ ନେତାମାନଙ୍କ ମଧ୍ୟରେ ବିଶାଳ ଦାସ, ଏମ.ଭି ସତ୍ୟେନ ଜଟିଆ ଉପସ୍ଥିତ ଥିବା ବେଳେ କୁଚିଣ୍ଡା ନିର୍ବାଚନମଣ୍ଡଳୀ ଦୂର ହୋଇଥିବାରୁ ନେତା ରାତିରେ ଅନୁପସ୍ଥିତ ରହିଥିଲେ। ଜିଲାର ଚିହ୍ନଟ କରି କେତେକ ନେତାଙ୍କୁ କେବଳ ଡକାଯାଇଥିଲା। ସର୍କିଟ୍ ହାଉସରେ ୫-ଟି ସଚିବ ପାଣ୍ଡିଆନଙ୍କୁ ସେମାନେ ଭେଟିଥିଲେ। ଅଳ୍ପ ସମୟ ଭିତରେ ବହୁତ କଥା ଓ ସନ୍ଦେଶ ଦେଇଯାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସଙ୍ଗଠିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତେ ପରିଶ୍ରମ କରୁଛନ୍ତି ଆହୁରି ପରିଶ୍ରମ କରନ୍ତୁ। ସଙ୍ଗଠନକୁ ସୁଦୃଢ଼ କରନ୍ତୁ। ସରକାରୀ ଯୋଜନା ଯୋଗ୍ୟ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସହଯୋଗ କରନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମାଗମ ଲୋକଙ୍କ ଭଲପାଇବା ଦେଖି ଖୁସି ବ୍ୟକ୍ତ କରି ଧନ୍ୟବାଦ ଦେଇଥିଲେ। ଦଳୀୟ ନେତାଙ୍କ ସହ ଆଲୋଚନା କରିବା ପରେ ସାଙ୍ଗଠନିକ ସମ୍ପାଦକ ଦାସ ଦେବଗଡ଼ ଚାଲି ଯାଇଥିଲେ।

ରାତ୍ରିଯାପନ ପରେ ରବିବାର ସକାଳେ ପୁଣି ଥରେ ଯୁବନେତା ସଞ୍ଜିତ ମହାନ୍ତିଙ୍କୁ ଏକାଠି ଡାକି ଧନ୍ୟବାଦ ଦେଇଥିଲେ। ଆହୁରି ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନଙ୍କ ଦାବି ନେଇ ମୁଖ୍ୟମନ୍ତ୍ରୀ ଚିନ୍ତିତ ଅଛନ୍ତି। ଖୁବ୍‌ଶୀଘ୍ର ଦାବି ପୂରଣ କରାଯିବ ବୋଲି କହିଥିଲେ। ଏହି ସମୟରେ ଜିଲାପାଳ ଅନନ୍ୟା ଦାସ, ଆଇଜି ଡ. ଦୀପକ କୁମାର ଉପସ୍ଥିତ ରହିଥିଲେ। ଏହି ବୈଠକ ଦଳୀୟ ହୋଇ ନ ଥିଲେ ମଧ ଦଳୀୟ ନେତା ଓ ୫-ଟି ସଚିବ ଉପସ୍ଥିତ ରହିଥିଲେ, ଯାହାକୁ ନେଇ ଏବେ ଆଲୋଚନା ଜୋର ଧରିଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କ ଉପସ୍ଥିତିରେ ସିଏମ୍‌ଓ ଅଫିସ କୁହାଯାଉଥିବା ୫-ଟି ସଚିବଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଆଲୋଚନା କରିବା ନେତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ହେଲେ ସମ୍ବଲପୁର ଗସ୍ତ ସମୟରେ କେତେକ ନେତାଙ୍କୁ ସ୍ୱତନ୍ତ୍ର ଭାବେ ଡାକି ଭେଟିବା ଘଟଣା ଭିନ୍ନ କିଛି ସୂଚନା ଦେଉଛି।

# ସୋଲାର ଲାଇଟ ବୋର୍ଡ଼ ଚୋରି, ୪ଗିରଫ


ଗିରଫ ୪ ଅଭିଯୁକ୍ତ ଓ ଜବତ ଚୋରି ହୋଇଥିବା ସୋଲାର ଲାଇଟବୋର୍ଡ଼।

**ନାକଟିଦେଉଳ,୧୬।୭(ବୈକୁଣ୍ଠ ନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ପେଣ୍ଡବାହାଲ ଗ୍ରାମରେ ରାସ୍ତାପାର୍ଶ୍ୱରେ ଲାଗିଥିବା ସୋଲାର ଲାଇଟବୋର୍ଡ଼ ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପେଣ୍ଡବାହାଲ ଗ୍ରାମର ଅରୁଣ ନାଏକ, ଅମିତ ଦାସ, ସୁଧାଂଶୁ ସାହୁ ଏବଂ ଆର୍ତ୍ତ ଷେଣ୍ଡ ବୋଲି ବୋଲି ଜଣାପଡ଼ିଛି। ପୋଲିସ ସେମାନଙ୍କଠାରୁ ଚୋରି ହୋଇଥିବା ୩ଟି ସୋଲାର ଲାଇଟବୋର୍ଡ଼ ଜବତ କରିଛି। ସୂଚନା ଅନୁସାରେ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥ ୧୫୩(ବି)ର ଅଂଶବିଶେଷ ରେଢାଖୋଲ-ନାକଟିଦେଉଳ ରାସ୍ତାର ପେଣ୍ଡବାହାଲ ଛକଠାରୁ ରାସ୍ତାପାର୍ଶ୍ୱରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଲାଗିଥିବା ସୋଲାର ଲାଇଟ ଖମ୍ବରୁ ଗତ ୧୫ତାରିଖ ରାତିରେ ଦୁର୍ବୃତ୍ତ ଲାଇଟ ବୋର୍ଡ଼ ଚୋରି କରି ନେଇଥିଲେ। ପେଣ୍ଡବାହାଲ ଛକରୁ ଗୋଟିଏ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖରୁ ୨ଟି ଲାଇଟ ବୋର୍ଡ଼ ଚୋରି କରି ହୋଇଥିଲା। ରବିବାର ସକାଳେ ଏହା ଜଣାପଡ଼ିବା ପରେ ରାସ୍ତା କାମ କରୁଥିବା ଦୁର୍ଗା କନଷ୍ଟ୍ରକ୍ସନର ଅଧିକାରୀ ଅକ୍ଷୟ କୁମାର ସାହୁ ଏ ସମ୍ପର୍କରେ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ନାକଟିଦେଉଳ ଥାନା ଏଏସଆଇ ସୁଲେମାନ ହରୋ ଏକ ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ବିଭିନ୍ନ ସୂତ୍ରରୁ ମିଳିଥିବା ସୂତ୍ରରୁ ପୋଲିସ ଚୋରି କରିଥିବା ପେଣ୍ଡବାହାଲ ଗ୍ରାମର ଉପରୋକ୍ତ ୪ଜଣଙ୍କୁ ଧରିବା ସହ ଚୋରି ୩ଟି ଯାକ ସୋଲାର ଲାଇଟବୋର୍ଡ଼ ଜବତ କରିଥିଲା। ଦଫା ୩୭୯, ୩୪ଦଫାରେ ଗିରଫ ୪ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

# ମିଥ୍ୟା ଅଭିଯୋଗ ଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧା

**କୁଚିଣ୍ଡା,୧୬।୭(ବିରଞ୍ଚି ଦର୍ଶୀ)**

ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଜଳ ବିଭାଜିକା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର କେତେକ ଖଳ ପ୍ରକୃତିର ଲୋକେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଜାଲ ଦସ୍ତଖତ କରି ଭୁବନେଶ୍ୱର ଲୋକାୟୁକ୍ତଙ୍କୁ ଅଭିଯୋଗ କରିଛନ୍ତି। ଫଳରେ କୁଚିଣ୍ଡା ମୃତ୍ତିକାସଂରକ୍ଷଣ ବିଭାଗ ଦ୍ୱାରା ଚାଲିଥିବା ରିୱାର୍ଡ ଯୋଜନାର କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଥିବା ପ୍ରକଳ୍ପ କାର୍ଯ୍ୟକାରୀ ଅଧିକାରୀ (ପିଆଇଏ) ମହେନ୍ଦ୍ର କୁମାର ପାଣ୍ଡେ କହିଛନ୍ତି। ୨୦୨୨/୨୩ ଆର୍ଥିକ ବର୍ଷରେ କୁଚିଣ୍ଡା ବ୍ଲକ ଗୋଛରା ଜଳବିଭାଜିକା ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରକଳ୍ପ (ପିଏମ୍‌କେଏସ୍‌ୱାଇ)ବିରୋଧରେ କେହି ବ୍ୟକ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ଜାଲ ଦସ୍ତଖତ ଓ ନକଲି ସିଲ୍ ମୋହର ମାଧ୍ୟମରେ ଗତ ଲୋକାୟୁକ୍ତଙ୍କ ଠାରେ ମିଥ୍ୟା ଅଭିଯୋଗ କରିଛନ୍ତି। ଯାହାକି ତଦନ୍ତ ପାଇଁ ମୃତ୍ତିକାସଂରକ୍ଷଣ ବିଭାଗ ଅଧିକାରୀଙ୍କୁ ହାଜର ହୋଇ ତାଙ୍କର ପକ୍ଷ ରଖିବାକୁ ଲୋକାୟୁକ୍ତ ନୋଟିସ କରିଛନ୍ତି। ଏଭଳି ମିଥ୍ୟା ଅଭିଯୋଗ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜାଣିବା ପରେ କୁଚିଣ୍ଡା ଥାନାରେ ରିପୋର୍ଟ କରି ମୋତେ ବଦନାମ କରିବା ଉଦ୍ଦେଶ୍ୟରେ କେହି ଖଳ ପ୍ରକୃତିର ଲୋକ ଏଭଳି ମିଥ୍ୟା ଅଭିଯୋଗ କରିଥିବା ଲୋକାୟୁକ୍ତଙ୍କୁ ଲିଖିତ ସ୍ପଷ୍ଟିକରଣ ଦେଇଛନ୍ତି। ଅନ୍ୟ ପକ୍ଷରେ ଗୋଛରା ଜଳବିଭାଜିକା ପକ୍ଷରୁ ଉନ୍ନୟନ କାର୍ଯ୍ୟ ଠିକଠାକ ସମ୍ପାଦନ ହେଉଥିବା ଲୋକାୟୁକ୍ତଙ୍କୁ ଜଣାଇଥିବା କମିଟି ସଭାପତି ହିରାଲାଲ ବେହେରା ଓ ସମ୍ପାଦକ ତରଣୀ ବଡ଼େଇ କହିଛନ୍ତି। ରିୱାର୍ଡ ଯୋଜନାରେ ଜମି ଉନ୍ନତିକରଣ, ଗୋଷ୍ଠୀ ଖଳା, ପୋଖରୀ ଖନନ, ମାଛ ଓ କୁକୁଡା ଚାଷ, ଛେଳି ଓ ଗୋପାଳନ ଇତ୍ୟାଦି ହେଉଥିବାବେଳେ ଏଭଳି ମିଥ୍ୟା ଅଭିଯୋଗ ଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପିଆଇଏ ପାଣ୍ଡେ କହିଛନ୍ତି।

# 'ମହିଳାମାନେ ସ୍ୱାବଲମ୍ବୀ ହୁଅନ୍ତୁ'

**ରେଢାଖୋଲ, ୧୬।୭ (ଅଚ୍ୟୁତାନନ୍ଦ ପୁରୋହିତ)**

୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟତିଗତ ସଚିବ ଭି.କେ. ପାଣ୍ଡିଆନ ରବିବାର ରେଢାଖୋଲ ଗସ୍ତରେ ଆସି ସ୍ଥାନୀୟ କଦମ୍ବ ପଡିଆ ଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେବା ସହ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ମହିଳାମାନେ ଶିକ୍ଷିତ ଓ ସ୍ୱାବଲମ୍ବି ହେଲେ ଆମ ରାଜ୍ୟର ଉନ୍ନତି ହେବ ଓ ଏହା ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ବୋଲି କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଶନଶକ୍ତି ମହିଳାମାନଙ୍କୁ କେତେ ଟଙ୍କାର ବୀମା ରାଶି ଦିଆଯାଉଛି ବୋଲି ମହିଳାମାନଙ୍କୁ ମଞ୍ଚ ଉପରୁ ପଚାରିଥିଲେ,ତେବେ ମହିଳାମାନେ କହି ନ ପାରିବାରୁ ମଞ୍ଚ ତଳେ ଥିବା ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କୁ ଏନେଇ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚାଷୀମାନଙ୍କ ପାଇଁ କୃଷିଋଣ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ ଓ ମିଶନଶକ୍ତି ମହିଳାମାନଙ୍କ ପାଇଁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା କହିଥିଲେ। ରେଢାଖୋଲର ପ୍ରତି ପଞ୍ଚାୟତରେ ଘରକୁ ଘର ପାନୀୟଜଳ ଯୋଗାଇ ଦିଆଯିବ ଓ ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରାୟ ୫ଶହ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ହେଲିକପ୍ଟର ଯୋଗେ ସମ୍ବଲପୁରରୁ ଆସି ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତର ହାଇସ୍କୁଲ ପଡିଆରେ ଓହ୍ଲାଇ କାର ଯୋଗେ କନ୍ଧରାସ୍ଥିତ ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠକୁ ଯାଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହ ମହିମାଧର୍ମୀ ସାଧୁସନ୍ଥମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କନ୍ଧରା ଗ୍ରାମରେ ବୁଣାକାରମାନଙ୍କ ସହ ଆଲୋଚନା କରି ସେମାନଙ୍କ ପାଇଁ ସରକାର ଯୋଗାଇଦେଉଥିବା ସହାୟତା ବିଷୟରେ ଆଲୋଚନା କରିଥିଲେ। ସେଠାରୁ ସନ୍ଥକବି ଭୀମଭୋଇଙ୍କ ଜନ୍ମସ୍ଥାନ ମଧୁପୁରଗ୍ରାମକୁ ଯାଇ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ। ମହାନଦୀରୁ ରେଢାଖୋଲ ସହରକୁ ଯୋଗାଇ ଦିଆଯାଉଥିବା ପାନୀୟଜଳ ପ୍ରକଳ୍ପର ଫିଲ୍ଟରିଂ ପ୍ଲାଣ୍ଟକୁ ଯାଇ ସମୀକ୍ଷା କରିଥିଲେ। ସହରକୁ ଆସି ଭୀମଭୋଇ ଛକରେ ଥିବା ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଭାଜପାର ବିରୋଧ

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ରେଢାଖୋଲ ଗସ୍ତକୁ ନେଇ ଭାଜପା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ମିନି ଷ୍ଟାଡ଼ିୟମଠାରେ ଭାଜପାର କର୍ମକର୍ତ୍ତାମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ସଭାପତି ଗିରିଶ ପଟେଲ, ଦେବେନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ବିଚିତ୍ରାନନ୍ଦ ସାହୁ, ଗୋବିନ୍ଦ ଅଗ୍ରୱାଲ, ରାମାନୁଜ ମହାପାତ୍ର, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ପ୍ରତାପ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖାଯାଇଥିଲା।

# ବର୍ଷାରେ ହରକଟା ହିଡ ଭାଙ୍ଗିଲା

**କୁଚିଣ୍ଡା,୧୬।୭(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଗ୍ରାମର ହରକଟା ହିଡ ଭାଙ୍ଗିଯାଇଛି। ଫଳରେ ଏହି କଟା ତଳେ ଥିବା ଚାଷଜମି ସାଙ୍ଗକୁ ମାଛ ଚାଷ କ୍ଷତିଗ୍ରସ୍ତ ହୋଇଛି। ଶନିବାରର ପ୍ରବଳ ବର୍ଷାରେ ୪ଏକର ପରିମିତ ଏହି କଟାରେ ଅଧିକ ପାଣି ଜମିବାରୁ ରାତିରେ ହିଡ ଭାଙ୍ଗି ଯାଇଛି। ସଞ୍ଜୁକ୍ତା ସୋହେଲା, ଆର୍ତ୍ତ ସୋହେଲା, ସୁଦୀପ୍ତ ସୋହେଲା ଓ ଗୋବର୍ଦ୍ଧନ ସୋହଲାଙ୍କ ଚାଷ ଜମି ଏହି କଟା ତଳେ ରହିଛି। ହିଡ ଅଚାନକ ଭାଙ୍ଗିଯିବାରେ ପଡିଥିବା ତଳି ମାଟିରେ ପୋତି ହୋଇ ନଷ୍ଟ ହୋଇଛି। ଏହି କଟା ଖଣ୍ଡୋକଟା ପଞ୍ଚାୟତ ଅଧିନରେ ରହିଛି। ଚଳିତବର୍ଷ ମାଛ ଚାଷ ପାଇଁ ଖଣ୍ଡୋକଟା 'ମା' ଆଶା ପୁରା' ଏସ୍‌ଏଚ୍‌ଜି ୫ବର୍ଷ ପାଇଁ ୬୦ହଜାର ଟଙ୍କାରେ ଲିଜରେ ନେଇଛନ୍ତି। ହିଡ ଭାଙ୍ଗିବା ଯୋଗୁ ଏସ୍‌ଏଚଜିମାନଙ୍କ ମାଛଚାଷ କରିବା ଆଶା ମଉଳି ଯାଇଛି। କଟାରେ ପାଣି ଭର୍ତ୍ତି ହେବାରୁ ସେମାନେ ମାଛଚାଷ ପାଇଁ ବିହନ ଛାଡିବାକୁ ପ୍ରସ୍ତୁତ ହେଉଥିଲେ। ଅଚାନକ କଟା ହିଡ ଭାଙ୍ଗି ତାଙ୍କୁ କ୍ଷତିରେ ପକାଇଥିବା ଏସ୍‌ଏଚ୍‌ଜି ସଭାନେତ୍ରୀ ତପସ୍ୱିନୀ ବାଗେଲ ଓ ସମ୍ପାଦିକା ଶୈଳେନ୍ଦ୍ରୀ ପଟେଲ କହିଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପଟେଲଙ୍କୁ ପଚାରିବାରେ ବର୍ଷା କମିଲେ ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଏକତା ମଞ୍ଚ ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ ସିଇଓଙ୍କୁ ସମ୍ବର୍ଦ୍ଧନା


ସମ୍ବଲପୁର ବିଦ୍ୟୁତ ବିତରକ କମ୍ପାନୀ ସିଇଓଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ସମ୍ବଲପୁର, ୧୬।୭ (ଶୁଭାଶିଷ ପାଢୀ)**

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ) ସିଇଓ ଗଜାନନ କାଲେଙ୍କୁ ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ, ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ, ଓଏସସିବି କର୍ମଚାରୀ ସଂଘ, ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ, ଓଏସଇ କର୍ମଚାରୀ ଫେଡେରେସନ, ହୀରାଜିଟିଡି ବିଦ୍ୟୁତ୍ କର୍ମଚାରୀ ସଂଘକୁ ନେଇ ଏହି ଏକତା ମଞ୍ଚ ଗଠନ ହୋଇଛି। ସୂଚନାଯୋଗ୍ୟ ଯେ, ଦୀର୍ଘଦିନ ଧରି କମ୍ପାନୀରେ ବିଭିନ୍ନ ଖାଲି ପଡିଥିବା ପଦବୀ ପୂରଣ ହୋଇଛି। ୧୨୮ ଜଣ ନୂତନ କର୍ମଚାରୀ ନିଯୁକ୍ତି ଦିଆଯାଇଛି। ୧୩୨ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ, ଷଷ୍ଠ ବେତନ କମିସନ ଅର୍ନ୍ତଭୁକ୍ତ ଏଚଆରଏ, ମେଡିକାଲ ଭତ୍ତା ଓ ଡିଏ ପ୍ରଦାନ କରାଯାଇଛି। ଅବସର ନେଇଥିବା କର୍ମଚାରୀମାନଙ୍କୁ ସମସ୍ତ ଦେୟ ସହ ସମ୍ବର୍ଦ୍ଧନା ଦେବା, ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବୀମା, ନିମ୍ନ ଶ୍ରେଣୀର କର୍ମଚାରୀମାନଙ୍କୁ ତାଲିମ ଦେବାକୁ କମ୍ପାନୀ ସିଇଓ କାଲେ ନିଷ୍ପତି ନେଇଛନ୍ତି। ଆଗକୁ କର୍ମଚାରୀ ଓ ଅଧିକାରୀମାନେ କମ୍ପାନୀ ସହଯୋଗ କରି ଗ୍ରାହକ ସେବା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡଙ୍ଗଁଚା ୫-ଟି ହାଇସ୍କୁଲ ପରିଦର୍ଶନ କଲେ ପାଣ୍ଡିଆନ

**ନାକଟିଦେଉଳ,୧୬।୭ (ବୈକୁଣ୍ଠନାଥ ସାହୁ)**

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ୨ଦିନିଆ ସମ୍ବଲପୁର ଜିଲା ଗସ୍ତ ଅବସରରେ ରବିବାର ସେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଙ୍ଗଁଚା ବାପୁଜୀ ଉଚ୍ଚବିଦ୍ୟାଳୟର ୫-ଟି ଉପକ୍ରମ ପରିଦର୍ଶନ କରିଛନ୍ତି। ଏଥି ସହିତ ୫-ଟି ଉପକ୍ରମରେ ସାମିଲ ହେବା ପରେ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିବା ଜଣାପଡ଼ିଛି। ୫-ଟି ସଚିବ ପାଣ୍ଡିଆନ ରେଢାଖୋଲ ଠାରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସାରି ମଧ୍ୟାହ୍ନ ପ୍ରାୟ ୧୨ଟା ୨୦ରେ ରାସ୍ତାରେ କାର ଯୋଗେ ଡ଼ଙ୍ଗଁଚାରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ପାଣ୍ଡିଆନ ହାଇସ୍କୁଲ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ପରେ ସିଧାସଳଖ ୯ମ ଏବଂ ୧୦ମ ଶ୍ରେଣୀର ସ୍ମାର୍ଟ କ୍ଲାସ ରୁମ ଭିତରକୁ ପ୍ରବେଶ କରିଥିଲେ। ଡ଼ଙ୍ଗଁଚା ବାପୁଜୀ ଉଚ୍ଚବିଦ୍ୟାଳୟ ୫-ଟି ଉପକ୍ରମରେ ରୂପାନ୍ତରିତ ହେବା ପରେ ଶିକ୍ଷାଦାନ କିପରି ଚାଲୁଛି ଏବଂ ସେମାନଙ୍କୁ ଏହି ସ୍ମାର୍ଟ କ୍ଲାସ ରୁମରେ ପଢିବାକୁ ଭଲ ଲାଗୁଛି କି ନାହିଁ ବୋଲି ଛାତ୍ରୀଛାତ୍ରମାନଙ୍କୁ ପଚାରିଥିଲେ। ଏଥିସହିତ ତୁମମାନଙ୍କର ଜୀବନର ଲକ୍ଷ୍ୟ କଣ ବୋଲି ପ୍ରଶ୍ନ ପଚାରିଥିଲେ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କୁ ଭବିଷ୍ୟତ ଗଠନର ଚିନ୍ତାଧାରା ସମ୍ପର୍କରେ ପ୍ରଶ୍ନ ପଚାରିଥିବାବେଳେ ଯେଉଁ ଛାତ୍ରୀଛାତ୍ର ନିଜର ରୁଚି ଅନୁଯାୟୀ ଉତ୍ତର ଦେଇଥିଲେ ସେମାନଙ୍କର ନାମ ଟିପି ରଖିବା ସହ ଆଗାମୀ ଦିନରେ ସେମାନଙ୍କୁ ସେହି ବିଭାଗରେ ତାଲିମ ଦେବାର ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପାଣ୍ଡିଆନ ଇ-ପାଠାଗାରକୁ ପରିଦର୍ଶନରେ ଯାଇ ବିଦ୍ୟାର୍ଥୀମାନଙ୍କ ଆବଶ୍ୟକତା ଏବଂ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଇ-ପାଠାଗାର ବ୍ୟବସ୍ଥା ହେବା ପରେ ସେମାନେ କିପରି ସବୁ ସୁବିଧା ପାଇ ପାରୁଛନ୍ତି ସେ ସମ୍ପର୍କରେ ଛାତ୍ରୀଛାତ୍ରମାନେ ୫-ଟି ସଚିବଙ୍କ ଆଗରେ ଉତ୍ତର ରଖିଥିଲେ। ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଏହି ଗସ୍ତ ଅବସରରେ ସମବେତ ଜନସାଧାରଣ ସେମାନଙ୍କ ଅଭିଯୋଗ ଲିଖିତ ଭାବେ ତାଙ୍କୁ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଏବଂ ଜୟଶ୍ରୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ବିଡ଼ିଓ ବିବେକାନନ୍ଦ ସାହୁ ପ୍ରମୁଖ ପାଣ୍ଡିଆନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତେବେ ସଚିବଙ୍କୁ ଦେଖି ଗୁହାରି କରିବାକୁ କମ ଲୋକ ଆସିଥିବାବେଳେ ହେଲିକେପ୍ଟର ଦେଖିବାକୁ ଲୋକେ ଆସିଥିଲେ।


ଛାତ୍ରୀଛାତ୍ରଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆଲୋଚନା କରୁଛନ୍ତି।

# ସମଲେଇ ଦର୍ଶନ, ପ୍ରକଳ୍ପର ସମୀକ୍ଷା

- ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା
- ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଗସ୍ତ

**ସମ୍ବଲପୁର, ୧୬।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ରବିବାର ସକାଳେ ସମଲେଇଙ୍କ ଦର୍ଶନ କରିଥିଲେ। ମନ୍ଦିର ପରିସରରେ ଲୋକଙ୍କୁ ଭେଟି ଅଭିଯୋଗ ଶୁଣିଥିଲେ। ସମଲେଇଙ୍କ ଦର୍ଶନ ପରେ ସମଲେଇ ଯୋଜନାରେ ଚାଲିଥିବା ପ୍ରକଳ୍ପ ସମୀକ୍ଷା କରିଥିଲେ। ପ୍ରକଳ୍ପ କାମ ବୁଲି ଦେଖିଥିଲେ। ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ପୋଲିସ ଆଇଜି ଡ. ଦୀପକ କୁମାରଙ୍କ ସମେତ ପ୍ରକଳ୍ପର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ମନ୍ଦିର ଦର୍ଶନ ସମୟରେ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଉପସ୍ଥିତ ରହିଥିଲେ। ପରେ ମନ୍ଦଲିଆ ପଡ଼ିଆରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଭେଟିଥିଲେ। ସେଠାରେ ମହିଳାମାନଙ୍କୁ ଆତ୍ମନିର୍ଭର, ଉଦ୍ୟୋଗୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ଯୋଜନା କରିଛନ୍ତି। ଯୋଜନାରେ ସାମିଲ ହେବାକୁ କହିଥିଲେ। ସେହିପରି ମାନେଶ୍ୱର ବ୍ଲକ ହୁମାସ୍ଥିତ ପ୍ରସିଦ୍ଧ ବକ୍ରମନ୍ଦିର ପରିଦର୍ଶନ କରିଥିଲେ। ମହାଦେବଙ୍କ ଦର୍ଶନ କରିବା ପରେ ମନ୍ଦିର ପୂଜକ ଓ ଟ୍ରଷ୍ଟ ସହିତ ଆଲୋଚନା କରିଥିଲେ। କଣ ଆବଶ୍ୟକତା ରହିଛି ବୋଲି ପଚାରିବୁଝିଥିଲେ। ମନ୍ଦିର ବିକାଶ ପାଇଁ କରାଯାଇଥିବା ଡିପିଆର ସାଙ୍ଗରେ ନେଇ ଯାଇଥିଲେ। ଖୁବଶୀଘ୍ର ଅନୁଦାନ ଦିଆଯିବ ବୋଲି କହିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ଦିଆଯାଇଥିଲା। ପରେ ସଚିବ ରେଢାଖୋଲ, ନାକଟିଦେଉଳ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ।


ସମ୍ବଲପୁରରେ ସମଲେଇ ପ୍ରକଳ୍ପର ସମୀକ୍ଷା କରୁଛନ୍ତି ୫-ଟି ସଚିବ ଭିକେ ପାଣ୍ଡିଆନ।

## ଗୋଚର ଜମିରେ ସାମୂହିକ ବୃକ୍ଷରୋପଣ

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରାବାହାଲ ଗ୍ରାମର ଯୁବ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଖେଳପଡିଆ ନିକଟ ଗୋଚର ଜମିରେ ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ସାମୂହିକ ଭାବେ ବୃକ୍ଷରୋପଣ କରିଥିଲେ। ଏହାକୁ ଆନନ୍ଦ ବିଶ୍ୱାଳ, ମହାଦେବ ସାହୁ, ଆଶିଷ ସାହୁ, ଆକାଶ ସାହୁ, ଦେବବ୍ରତ ବିଶ୍ୱାଳ, ସୁଦର୍ଶନ ବିଶ୍ୱାଳ, ସୁମନ୍ତ ସାହୁ, ବୀରେନ୍ଦ୍ର ଗଡତ୍ୟା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶିକ୍ଷକ ଶୂନ୍ୟ ହେବ ତଲିପଡ଼ା ପ୍ରାଥମିକ ବିଦ୍ୟାଳୟ

**ଲୋଇସିଂହା,୧୬।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ତଲିପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକ ଗତ ମେ ମାସରେ ଅବସର ଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ମୁରାସିଂ କୁଅଁରଙ୍କର ଲେଭଲ ୪ ପ୍ରଧାନଶିକ୍ଷକକୁ ପଦୋନ୍ନତି ପରେ ବ୍ଲକର ସିଂହାଣୀମୁଣ୍ଡା ସ୍କୁଲରେ ଅବସ୍ଥାପିତ କରାଯାଇଛି। କୁଶମେଲ କ୍ଲଷ୍ଟରର ଶିକ୍ଷକ ଗୋପାଳ ପଧାନ ଡେପୁଟେଶନରେ ଅଛନ୍ତି। ତାଙ୍କ ଡେପୁଟେଶନ ଆସନ୍ତା ୨୦ତାରିଖରେ ସରିବ। ପଦୋନ୍ନତି ପାଇଥିବା ପ୍ରଧାନଶିକ୍ଷକ କୁଅଁର ସିଂହାଣୀମୁଣ୍ଡା ସ୍କୁଲରେ ଯୋଗଦେଲେ ବିଦ୍ୟାଳୟ ଶିକ୍ଷକଶୂନ୍ୟ ହୋଇଯିବ ବୋଲି ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ କହିଛନ୍ତି। ଶନିବାର ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କରି ଶିକ୍ଷକ ନିଯୁକ୍ତ କରିବାକୁ ଦାବି କରିଛନ୍ତି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ଦାବିରେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ପରିଚାଳନା କମିଟି ସଭାପତି ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୭୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗତ ମେ ମାସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଥିଲେ ସୁଦ୍ଧା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରଧାନଶିକ୍ଷକ ପଦବୀ ଖାଲି ଦେଖାଇ ନ ଥିବାରୁ ଏପରି ସମସ୍ୟା ଦେଖାଦେଇଛି। ବ୍ଲକ ଶିକ୍ଷା ବିଭାଗର ଅଦୂରଦୃଷ୍ଟିତାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଜେସିଆଇର ନୂତନ ଶାଖା ଉଦ୍‌ଘାଟିତ




**କେସିଙ୍ଗା,୧୬।୭(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ମା' ଅମ୍ବେ ମନ୍ଦିର ପରିସରରେ ଜେସିଆଇ ରବିବାର ଉଦଘାଟିତ ହୋଇଯାଇଛି। ଉକ୍ତ ଶାଖାର ସଭାପତି ଭାବରେ ସୁରଜ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇ ଥିବାବେଳେ ସମ୍ପାଦକ ଭାବେ ଆୟୁଷ ଅଗ୍ରୱାଲ, ସଂସ୍ଥାର କୋର୍ଡିନେଟର ଭାବେ ସଞ୍ଜୟ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଛି। ଜେସିଆଇ ସଂସ୍ଥାର କେସିଙ୍ଗା ଇନ୍‌ଚାର୍ଜ ଦାୟିତ୍ୱ ନେଇଛନ୍ତି ଆନନ୍ଦ ଜୈନ୍ ଏବଂ କୋଷାଧ୍ୟକ୍ଷ ଭାବରେ ନିର୍ମଳ ଗୁପ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରକାଶ ଥାଉ କି ଜେସିଆଇ ସଂସ୍ଥା ଛତିଶଗଡର ରାୟପୁର ସହରରେ ବିଭିନ୍ନ ସାମାଜିକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇଥିବା ବେଳେ ଏହାର ବଲାଙ୍ଗୀରରେ ମଧ ଗୋଟିଏ ଶାଖା ରହିଛି। ଏହି ସଂସ୍ଥା ମୁଖ୍ୟତଃ ସାମାଜିକ କାର୍ଯ୍ୟ ଯଥା ଗରିବ ଲୋକଙ୍କ ପାଇଁ ଆଖି କ୍ୟାମ୍ପ, ରକ୍ତଦାନ ଶିବିର, ମେଡିକାଲ କ୍ୟାମ୍ପ୍ ଗାଁ ଗାଁକୁ ଯାଇ ଗରିବ ଲୋକଙ୍କମାନଙ୍କ ପାଇଁ ଦରକାରୀ ସାହାଯ୍ୟ, ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଆଗକୁ ଆଣି ଉଚ୍ଚ ଶିକ୍ଷାରେ ସାହାଯ୍ୟ କରିବା ପ୍ରଭୃତି କାମ ଏହି ସଂସ୍ଥା କେସିଙ୍ଗାରେ ମଧ କରାଯିବ ବୋଲି ସଂସ୍ଥାର କୋର୍ଡିନେଟର ସଞ୍ଜୟ ଅଗ୍ରୱାଲ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

### ଖଡ଼ିଆଳ ସହରରେ ସଟ୍ଟା କାରବାର ବୃଦ୍ଧି

**ଖଡ଼ିଆଳ,୧୬।୭(ସୁଜିତ୍ ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ସହର ତୁକଲା, ବରଗାଁ, ଡୁଆଝର, ଭୁଲିଆସିକୁଆଁ ଅଞ୍ଚଳରେ ସଟ୍ଟା କାରବାର ବୃଦ୍ଧି ପାଉଛି। ସହରର ବିଭିନ୍ନ ଛକ ସ୍ଥାନଗୁଡ଼ିକର ପାନ ଦୋକାନ, ପଡାର ବିଭିନ୍ନ ଘରରେ ସଟ୍ଟା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବରେ ବୃଦ୍ଧବୃଦ୍ଧା, ସରକାରୀ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଗରିବ ଶ୍ରେଣୀର ଲୋକମାନେ ସଟ୍ଟା ଖେଳି ସର୍ବଶାନ୍ତ ହେଉଛନ୍ତି। ମୁଖ୍ୟତଃ ଗରିବ ଶ୍ରେଣୀର ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ମଧରେ କଳହ ଲାଗି ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍କୁଲ ଛକରେ ସଟ୍ଟା ଏଜେଣ୍ଟମାନଙ୍କ ଶିକାର ହେଉଥିବା ଦେଖିବାକୁ ମିଳିଛି। ମା'ବାପା ପାଠ ପଢାଇ ଭଲ ମଣିଷ କରି ଗଢିବାର ସ୍ୱପ୍ନ ଦେଖୁଥିବା ବେଳେ ଛାତ୍ରୀଛାତ୍ରମାନେ ଘରୁ ଟଙ୍କା ଆଣି ସଟ୍ଟା ଖେଳୁଥିବା ଜଣାପଡିଛି। ସେହିପରି ପ୍ରାୟ ସମସ୍ତ ଗ୍ରାମାଞ୍ଚଳରେ ବିଭିନ୍ନ ଛକରେ ସଟ୍ଟା ଖେଳାଇ ଏଜେଣ୍ଟମାନେ ମାଲାମାଲ ହେଉଥିବା ବେଳେ ସାଧାରଣ ଲୋକ ଶୋଷଣର ଶିକାର ହେଉଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ତୁରନ୍ତ ଦୃଷ୍ଟି ଦେଇ ଅବାଧରେ ଚାଲିଥିବା ସଟ୍ଟା କାରବାର ରୋକିବା ପାଇଁ ସାଧାରଣରେ ଦାବି ହେଉଛି।

# ବିଧବା, ବୃଦ୍ଧାଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଆବାସ

**ଲାଠୋର,୧୬।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମ ଆଦର୍ଶ ପଡ଼ାର କେତେକ ବିଧବା ଏବଂ ବୃଦ୍ଧାଙ୍କୁ ମିଳିନି ପ୍ରଧାନମନ୍ତ୍ରୀ ଆବାସ। ଏ ନେଇ ସେମାନେ ବିଭିନ୍ନ ସମୟରେ ଆବେଦନ କରି ଆସୁଥିଲେ ହେଁ ସେମାନଙ୍କ କଥା କେହି ଶୁଣୁ ନାହାନ୍ତି। ବିଧବା ମଧୁ ଛତ୍ରିଆ ଦୁଇ ପୁଅ ଅନିକେତ ଏବଂ ଅଙ୍କିତଙ୍କୁ ନେଇ ଏକ ମାଟି ଛପର ଘରେ ରହଛନ୍ତି। ଆଉ ଜଣେ ବିଧବା ମଞ୍ଜୁ ଛତ୍ରିଆ ମଧ ନିଜ ତିନି ପୁଅ କ୍ରିଷ୍ଣା, ଶିବା ଏବଂ ବାଲାଜିଙ୍କୁ ନେଇ ମାଟି ଛପର ଘରେ ରହୁଛନ୍ତି। ପଡ଼ାର ଶାନ୍ତି ତାଣ୍ଡି ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ଏକୁଟିଆ ଏକ ମାଟି ଛପର ଘରେ ବାସ କରୁଛନ୍ତି। ସେହିପର ବୃଦ୍ଧା ଭାଜି ଛତ୍ରିଆ ସ୍ୱାମୀ ଗୌରାଙ୍ଗ ଛତ୍ରିଆଙ୍କୁ ସାଙ୍ଗରେ ନେଇ ଏକ ମାଟି ଛପର ଘରେ ପଲିଥିନ ଢାଙ୍କି ରହୁଛନ୍ତି। ଦାଦନ ଶ୍ରମିକ ଭଗବାନ ଛତ୍ରିଆ ସ୍ତ୍ରୀ ବାସନ୍ତିଙ୍କୁ ନେଇ ସେମିତି ଭଙ୍ଗା କୁଡ଼ିଆରେ ଅନ୍ୟନୋପାୟ ହୋଇ ରହୁଛନ୍ତି। ବର୍ତ୍ତମାନ ବର୍ଷା ଦିନ ଆସି ଯାଇଥିବାରୁ ଛୋଟ ପିଲାଙ୍କୁ ନେଇ ସେମାନେ କିପରି ମାଟି ଝାଟିମାଟି ଘରେ ରହିବେ ଚିନ୍ତାରେ ପଡିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇ ଏହି ପରିବାରଗୁଡ଼ିକ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ ମଧ ଆଜିଯାଏ ବାସଗୃହ ଯୋଗାଇ ଦିଆଯାଇନାହିଁ। ତ୍ରୁଟିପୂର୍ଣ୍ଣ ତାଲିକା ପ୍ରସ୍ତୁତ ଯୋଗୁଁ ପ୍ରକୃତ ହିାଧିକାରୀ ବାସଗୃହ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ସ୍ୱଚ୍ଛଳ ବର୍ଗର ଲୋକ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇ ବାସଗୃହ ପାଉଛନ୍ତି। ହିତାଧିକାରୀମାନେ ସରକାରୀ ବାବୁମାନଙ୍କୁ ବାସଗୃହ ଯୋଗାଇ ଦେବାକୁ ଅନୁରୋଧ କଲେ ଯେଉଁ ମାନଙ୍କର ନାମ ତାଲିକାରେ ଅଛି ସେମାନେ ବାସ ଗୃହ ପାଇବେ କହି ଫେରାଇ ଦେଉଛନ୍ତି। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ପ୍ରଶାସନ ସହ ଯୋଗାଯୋଗ କରି ଉପରୋକ୍ତ ବ୍ୟକ୍ତିମାନଙ୍କ ନାମ ୱେଟିଙ୍ଗ ଲିଷ୍ଟରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିବି ବୋଲି କହିଥିଲେ।



ପଲିଥିନ ଢଙ୍କା କୁଡିଆ ସମ୍ମୁଖରେ ଭାଜି ଛତ୍ରିଆ ଓ ତାଙ୍କ ସ୍ୱାମୀ ଗୌରାଙ୍ଗ ଛତ୍ରିଆ।

# ଜୈବିକ ସାର ଉପରେ ଧ୍ୟାନ କେନ୍ଦ୍ରୀଭୂତ କର



ମହିଳାମାନେ ଜୈବିକ ଔଷଧ ପ୍ରସ୍ତୁତ କରୁଛନ୍ତି।

**ଲୋଇସିଂହା, ୧୬।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତର ସଦର ଗ୍ରାମ ବଡଟିକାରେ ଜୈବିକ ଔଷଧ ପ୍ରସ୍ତୁତି ଓ ଜୈବିକ କୃଷି ଉପାଦେୟତା ସମ୍ପର୍କିତ ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଗ୍ରାମର ଗ୍ରାମଶକ୍ତି ଓ ସ୍ୱପ୍ନେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ପ୍ରହ୍ଲାଦ ପଧାନ, ପ୍ରଶାନ୍ତ କୁଅଁର ଓ ପିଣ୍ଟୁ ପଧାନ ଜୈବିକ ଔଷଧ ତିଆରି ପାଇଁ ଆବଶ୍ୟକ ଉପାଦାନ ଓ ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀ ମାଧ୍ୟମରେ ବୁଝାଇଥିଲେ। ଗୋବିନ୍ଦଚନ୍ଦ୍ର ବିଶି ଜୈବିକ ଔଷଧର ଉପାଦେୟତା ସମ୍ପର୍କରେ କହିଥିଲେ। ଜୈବିକ ପ୍ରଣାଳୀରେ ଚାଷ କଲେ ଚାଷ ନିରୋଗ ରହିବ ଓ ଉତ୍ତମ ଅମଳ ହୋଇପାରିବ ବୋଲି କହିଥିଲେ। ଚାଷ ଓ ମାନବ ସମାଜ ପାଇଁ କ୍ଷତି ପହଞ୍ଚାଉଥିବା ରାସାୟନିକ ସାରରୁ ଦୂରେଇ ଜୈବିକ ସାର ଉପରେ ଚାଷୀ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ସାମାଜିକ କର୍ମୀ ପ୍ରବର୍ତ୍ତାଇଥିଲେ।

# ୩ଜଣଙ୍କୁ ବାନ୍ଧିଲା ପୋଲିସ

**ମୁରିବାହାଲ,୧୬।୭(ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧିନ କଣ୍ଟାବାଞ୍ଜି –ଗୁଡିଘାଟ ରାସ୍ତାର ପୁଡାପାଲି ଛକ ନିକଟରେ ଗତ ଶୁକ୍ରବାର ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଛୁରାମାଡ କରି ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଥିଲେ। ଏହି ଘଟଣାର ପର୍ଦ୍ଦାଫାଶ କରିଛି ମୁରିବାହାଲ ଥାନା ପୋଲିସ। ରବିବାର ମୁରିବାହାଲ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିକ୍ରାପଡା ଫାଣ୍ଡା ଖରସେଲବାଞ୍ଜି ଗ୍ରାମର ସାଧୁ ବଏ (୨୨), ଟିକ୍ରାପଡାର ଶୁଭମ ରାଜପଲିଆ(୨୪) ଏବଂ ବେଲପଡା ଥାନା ଖାଲଖଲି ଗ୍ରାମର ଅଜୟ ନାଗ(୨୧)। ଏନେଇ ମୁରିବାହାଲ ଥାନାରେ ଏକ ମାମଲା(୧୩୫/୨୩) ରୁଜୁ ହୋଇଛି।

ଗତ ଶୁକ୍ରବାର ଫାଇନାନ୍ସ କମ୍ପାନୀର କର୍ମଚାରୀ ବାନ୍ଧୁମୁଣ୍ଡା ଗ୍ରାମର ନବୀନ ଭୋଇ ଓ ତାଙ୍କର ସାଥି ବେଲପଡା ଥାନା ଚାଚେରବେଙ୍ଗ ଗ୍ରାମର ଅଜିତ ମେହେର ଏକ ବାଇକରେ ଆସୁଥିବା ବେଳେ ପୁଡାପାଲି ଛକରେ ଅଭିଯୁକ୍ତମାନେ ଅତର୍କିତ ଆକ୍ରମଣ କରିଥିଲେ। ପରେ ଲୁଟ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ସେହି ରାସ୍ତାରେ ଲୋକେ ଆସି ଯିବାରେ ଅଭିଯୁକ୍ତମାନେ ଆଣିଥିବା ବାଇକ ସିଜି ୦୪-ସିଟି ୧୭୪୦କୁ ଘଟଣାସ୍ଥଳରେ ଛାଡି ଫେରାର ହୋଇ ଯାଇଥିଲେ। ଛୁରାମାଡ଼ରେ ଆହତ ନବୀନ ଭୋଇଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଯାଇଥିଲା। ଏନେଇ ଅଜିତ ମେହେର ମୁରିବାହାଲ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମୁରିବାହାଲ ପୋଲିସ ଲୁଟେରାମାନେ ଛାଡି ଯାଇଥିବା ଗାଡିକୁ ଜବତ କରିଥିଲା। ସେହି ଡ଼ିକିରେ ଅନ୍ୟ ଏକ ନମ୍ବର ପ୍ଲେଟ ଓଡି ୦୩ ସିଃ୩୦୮ ମିଳିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିବା ମୁରିବାହାଲ ଥାନା ଅଧିକାରୀ ସିପରା ସରାୟ ଲୁଗୁନ କହିଛନ୍ତି।



ଗିରଫ ୩ ଅଭିଯୁକ୍ତ।

**ଫାଇନାନ୍ସ କର୍ମଚାରୀଙ୍କୁ ଛୁରାମାଡ, ଲୁଟ୍ ଉଦ୍ୟମ ଘଟଣା**

# ଦକ୍ଷିଣି ଶୌଣ୍ଡିକ ସାଂସ୍କୃତିକ ମହାସଂଘର ସାଧାରଣ ବୈଠକ

**ଥବିର ପ୍ରସାଦ ସାହୁ ସଭାପତି, ଗୋପାଳ ସାହୁ ସମ୍ପାଦକ**

**ଜୁନାଗଡ଼,୧୬।୭(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଶହୀଦ ରେଣ୍ଡୋ ମାଝି ସଂସ୍କୃତି ଭବନଠାରେ ରବିବାର ଦକ୍ଷିଣି ଶୌଣ୍ଡିକ ସାଂସ୍କୃତିକ ମହାସଂଘ, କଳାହାଣ୍ଡି ଓ ଟିଟଲାଗଡ ସବଡିଭିଜନ ଜିଲା କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସତ୍ୟ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ଥବିର ପ୍ରସାଦ ସାହୁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଗୋପାଳ ସାହୁ ସାଧାରଣ ସମ୍ପାଦକ, ତୁଳସୀ ରାମ ସାହୁ, ଅନିରୁଦ୍ଧ ସାହୁ, ରାଜେନ୍ଦ୍ର କୁମାର ସାହୁ ଉପସଭାପତି, ନୀଳମଣି ସାହୁ ସହ ସମ୍ପାଦକ ଓ ଶେଷଦେବ ସାହୁ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲରେ ଲଡୁଗାଁଠାରେ ଅନୁଷ୍ଠିତ ପଞ୍ଚମ ମହାସଭାରେ ଉକ୍ତ କର୍ମକର୍ତ୍ତାମାନଙ୍କୁ ବିଧିବଦ୍ଧ ଭାବେ ଚୟନ କରାଯାଇଥିଲା। ରବିବାର ବୈଠକରେ ନୂତନ ଜିଲା କମିଟିକୁ ଦୃଢ଼ିକରଣ କରାଯାଇ ଓ ଶପଥ ପାଠ କରାଯାଇଥିଲା। ବୈଠକରେ ଜୁନାଗଡ, ଧର୍ମଗଡ ଆଞ୍ଚଳିକ ବ୍ଲକ କମିଟି ସଭାପତି ବିଦ୍ୟାଧର ସାହୁ, ଟିଟଲାଗଡ ବ୍ଲକ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଦିଗାମ୍ବର ବେହେରାଙ୍କ ସମେତ ବିଭିନ୍ନ ବ୍ଲକ ସଭାପତି ଏବଂ ସମ୍ପାଦକମାନେ ଯୋଗଦେଇଥିଲେ। ସମାଜର ବରିଷ୍ଠ କର୍ମକର୍ତ୍ତା ବାସୁଦେବ ସାହୁ, ହେମନ୍ତ କୁମାର ସାହୁ, ଅଭିରାମ ସାହୁ, କିଶୋର ଚନ୍ଦ୍ର ସାହୁ, ଭୁବନେଶ୍ୱର ସାହୁ ତଥା ପଞ୍ଚମ ମହାସଭାର ସଭାପତି ବ୍ୟୋମକେଶ ସାହୁ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, କୈଳାସ ଚୌଧୁରୀ, ସୁବୋଧ ସାହୁ ଅଶୋକ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ଗୁପ୍ତେଶ୍ୱର ସାହୁ, ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଢ଼େ ୪ ମାସ ପରେ ବି ଦାଖଲ ହୋଇନି ଚାର୍ଜଶିଟ୍

**ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ଘଟଣା**

- ହାଇକୋର୍ଟ ମାଗିଲେ ଷ୍ଟାଟସ୍ ରିପୋର୍ଟ
- ହତ୍ୟାକୁ ଆତ୍ମହତ୍ୟା ରୂପ ଦେବା ଚେଷ୍ଟା ଚାଲିଛି: ଲବଙ୍ଗ ସାହୁ

**ବଲାଙ୍ଗୀର ଅଫିସ, ୧୬।୭**

ବୁର୍ଲା ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶନୀ ସାହୁଙ୍କ ମୃତ୍ୟୁ ଘଟଣାକୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ତଦନ୍ତକାରୀ ବୁର୍ଲା ଥାନା ପୋଲିସ ଚାର୍ଜଶିଟ୍ ଦାଖଲ କରିନାହିଁ। ହାଇକୋର୍ଟ ପକ୍ଷରୁ ଏହି ମାମଲାର ଷ୍ଟାଟସ୍ ରିପୋର୍ଟ ମଗାଯାଇଥିବା ମୃତା ଚିନ୍ମୟୀଙ୍କ ମାତା ଲବଙ୍ଗ ସାହୁ ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚିନ୍ମୟୀଙ୍କ ହତ୍ୟା ଘଟଣାକୁ ଚପାଇ ଦେବାକୁ ପୋଲିସ ସବୁପ୍ରକାର ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଚିନ୍ମୟୀଙ୍କୁ ହତ୍ୟ କରାଯାଇଛି ଓ ହତ୍ୟାକାରୀଙ୍କୁ ଗିରଫ ନ କରି ପୋଲିସ ଓଲଟା ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା ଜାରି ରଖିଛି ବୋଲି କହିଛନ୍ତି। ପୂର୍ବରୁ ସମ୍ବଲପୁର ଏସ୍‌ପି ଚିନ୍ମୟୀ ଆତ୍ମହତ୍ୟା କରିଥିବା କହିବାକୁ ନେଇ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତଦନ୍ତ ନକରି ପୋଲିସ ଅଧିକାରୀ କିଭଳି ଭାବେ ଏଭଳି ପ୍ରତିକ୍ରିୟା ଦେଲେ ବୋଲି ପୁଣି ଥରେ ପ୍ରଶ୍ନ କରିଛନ୍ତି। ୪ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ପୋଲିସ କାହିଁକି ଚାର୍ଜଶିଟ୍ ଦାଖଲ କରିନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ସହିତ ଯେଉଁ ଯୁବକଙ୍କଠାରୁ ଚିନ୍ମୟୀଙ୍କ ଫୋନ୍ ମିଳିଥିଲା ଏବଂ ଯେଉଁ ଯୁବକ ଚିନ୍ମୟୀ ସହ ବୁର୍ଲା ପିସି ବ୍ରିଜ୍‌ରେ ଥିଲେ ତାଙ୍କୁ କାହିଁକି ଗିରଫ କରିନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ପୋଲିସ ଜାଣିଶୁଣି ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି। ତେବେ ନ୍ୟାୟ ବ୍ୟବସ୍ଥା ଉପରେ ଆମର ଭରସା ରହିଛି ଓ ଆମେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛୁ ବୋଲି ସେ କହିଛନ୍ତି। ମାର୍ଚ୍ଚ ୧ ତାରିଖ ଦିନ ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ଚିନ୍ମୟୀଙ୍କ ପରିବାର ପକ୍ଷରୁ ବୁର୍ଲା ଥାନାରେ ଅଭିଯୋଗ କରାଯାଇଥିଲା। ଏବେ ଚିନ୍ମୟୀ ହତ୍ୟାକୁ ୧୩୮ ଦିନ ସମୟ ଅତିବାହିତ ହୋଇଯାଇଥିଲେ ମଧ ପୋଲିସ ଏହାର ଚାର୍ଜଶିଟ୍ ଦାଖଲ କରିନାହିଁ। ଚାର୍ଜଶିଟ୍ ଦାଖଲର ସମୟ ସୀମା ମଧ ଅତିକ୍ରାନ୍ତ ହୋଇଯାଇଛି। ଏଥିରୁ ପୋଲିସର ମନୋଭାବ ସ୍ପଷ୍ଟ ହୋଇଯାଇଛି ବୋଲି ଲବଙ୍ଗ ସାହୁ କହିଛନ୍ତି।

# ମାହେଶ୍ୱରୀ ସଙ୍ଗଠନ ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର, ୧୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ ଯୁବ ସଙ୍ଗଠନ ମାହେଶ୍ୱରୀର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସାଇ ପ୍ୟାଲେସ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗଲପୁର, ଟିଟିଲାଗଡ, ତରଭା, ପାଟଣାଗଡ, କୁଡାସିଂହା ପ୍ରଭୃତି ବିଭିନ୍ନ ଶାଖାର ମହିଳା ତଥା ପୁରୁଷ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ରକ୍ତଦାନ, ବନୀକରଣ ଭଳି କାର୍ଯ୍ୟ ସହ ଲୋକଙ୍କୁ ସାମାଜିକ ଅଧିକାର ପ୍ରାପ୍ତି ପାଇଁ ପ୍ରଶାସନ ସହ ସୁସମ୍ପର୍କ ରଖି ଏହି ଅନୁଷ୍ଠାନ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟମାନ କରିଆସୁଛି। ଏହି ସବୁ କାର୍ଯ୍ୟକ୍ରମ ଯେଭଳି ଆଗାମୀ ଦିନମାନଙ୍କରେ ସୁଗମ ହୋଇ ପାରିବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ଶାଖା ମାନଙ୍କରୁ ଆସିଥିବା ସମସ୍ତ ସଦସ୍ୟ ନିଜ ଅଞ୍ଚଳର ଦୃଷ୍ଟିଗତ ହେଉଥିବା ସମସ୍ୟା ବିଷୟରେ ବିଚାର ବିମର୍ଶ କରିଥିଲେ। ମହିଳା ଶାଖା ସଂଯୋଜିକା ସୋନିଆ ବେଜ, ସହ ସଂଯୋଜିକା କ୍ରିତିକା ଅଗ୍ରୱାଲ, ଜିଲା ସଂଯୋଜକ ସୌମ୍ୟ ରଞ୍ଜନ ପଣ୍ଡା, ସଭାପତି ଶୋଭନ ଅଗ୍ରୱାଲ, ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆଙ୍କ ସହ ସମସ୍ତ ଶାଖା ପଦାଧିକାରୀ ଉପସ୍ଥିତ ଥିଲେ।



ମାହେଶ୍ୱରୀ ସଙ୍ଗଠନ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟାସଦସ୍ୟ।

# ଗନ୍ଧମାର୍ଦ୍ଦନ ପାହାଡ଼ ବୁଲିଲେ ପ୍ରଶିକ୍ଷାର୍ଥୀ ବନପାଳ

**ଚିହ୍ନିଲେ ଔଷଧୀୟ ଗୁଳ୍ମଲତା**

**ଖପ୍ରାଖୋଲ, ୧୬।୭(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସୀମାନ୍ତରେ ଥିବା ଗନ୍ଧମାର୍ଦ୍ଦନ ପାହାଡ଼କୁ ଭୁବନେଶ୍ୱର ଫରେଷ୍ଟର ଟ୍ରେନିଂ ସ୍କୁଲର ୪୮ ଜଣ ପ୍ରଶିକ୍ଷାର୍ଥୀ ପହଞ୍ଚିବା ସହ ବୁଲି ଦେଖିଛନ୍ତି। ହରିଶଙ୍କର ଫରେଷ୍ଟ ଆଇବିରୁ ସ୍ଥାନୀୟ ବୈଦ୍ୟମାନଙ୍କ ସହ ଗନ୍ଧମାର୍ଦ୍ଦନ ପାହାଡ଼ ବୁଲିଥିଲେ। ଏହି ଅବସରରେ ପାହାଡରେ ଥିବା ଜୀବନ ରକ୍ଷାକାରୀ ବୃକ୍ଷ, ଗୁଳ୍ମଲତା ସମ୍ପର୍କରେ ପଚାରି ବୁଝିଥିଲେ। ବୃକ୍ଷ, ଗୁଳ୍ମଲତାର ସ୍ଥାନୀୟ ନାମ, ଔଷଧୀୟ ଗୁଣ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସମସ୍ତ ପ୍ରଶିକ୍ଷାର୍ଥୀ ଅଧିକାରୀ ଫେରିଥିଲେ। ଏହି ଅବସରରେ ଟ୍ରେନିଂ ସ୍କୁଲର ବନବିହାରୀ ମହାପାତ୍ର, ବଲାଙ୍ଗୀର ଫରେଷ୍ଟ ଡିଭିଜନ ଏସିଏଫ ଘନଶ୍ୟାମ ମହନ୍ତ, ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ବନପାଳ ସୁଧୀର କୁମାର ଜେନାଙ୍କ ସମେତ ସ୍ଥାନୀୟ ବୈଦ୍ୟମାନେ ଉପସ୍ଥିତ ଥିଲେ।

# ନବନିର୍ମିତ ଧରଣୀ ପୀଠ ଉଦ୍‌ଘାଟିତ

**ଟିଟିଲାଗଡ଼,୧୬।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ବାଙ୍କେଲସ୍ଥିତ ଆଦିବାସୀଙ୍କ ଇଷ୍ଟଦେବୀ ଧରଣୀପୀଠର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣକୁ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଉଦ୍‌ଘାଟନ କରିଛନ୍ତି। ସାଂସଦ ବିଶିଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠିରୁ ପୀଠର ଉନ୍ନତୀକରଣ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ସମାପନ ପରେ ଧରଣୀ ପୀଠର ପ୍ରତିଷ୍ଠା ପାଇଁ ଯାତ୍ରା କରାଯାଇଥିଲା। ଆଦିବାସୀ ପରମ୍ପରା ଆଧାରରେ ଦେବୀ ପୀଠର ଯାନୀ, ଝାଙ୍କର ଏବଂ ଦେହେରୀ ପୂଜାର୍ଚ୍ଚନା କରିଥିଲେ। ଦେହେରୀ ଦେହରେ ଦେବୀ ସବାର ହୋଇ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ମା ଜାଡେନ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଉକ୍ତ ଯାତ୍ରାରେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର, ନୂଆପଡା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଉପସଭାପତି ବିସିକେଶନ ଯାନୀ, ମୁରିବାହାଲ ବ୍ଲକ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ପାର୍ଥ ପ୍ରଧାନୀ, ତପନ ପ୍ରଧାନୀ, ପତ୍ରଙ୍ଗି ମାଝି, ସଂକୀର୍ତ୍ତନ ଶିକା, ସାଂସଦ ପ୍ରତିନିଧି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ନବନିର୍ମିତ ଧରଣୀପୀଠକୁ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

# ତେଲି ଭବନର ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗିର, ୧୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଶାନ୍ତିପଡାଠାରେ ରବିବାର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ତେଲି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବଲାଙ୍ଗୀର ଜିଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ତେଲି ସମାଜର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ପୂଜନ କର୍ମ ସମାପ୍ତି ପରେ ଶାନ୍ତିପଡା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ମିଶ୍ର ବକ୍ତବ୍ୟ ରଖି ସାମାଜିକ ଏକତା ବିକାଶର ମୂଳମନ୍ତ୍ର ବୋଲି କହିଥିଲେ। ତୈଳିକ ବୈଶ୍ୟ ସମାଜର ସାଙ୍ଗଠନିକ ଏକତାକୁ ପ୍ରଶଂସା କରି ଆଗାମୀ ଦିନରେ ସମାଜର ଉନ୍ନତି ଦିଗରେ ସବୁ ପ୍ରକାର ସହଯୋଗ ଜାରି ରଖିବେ ବୋଲି କହିଥିଲେ। ସମାଜ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ସଭାରେ ସ୍ୱାଗତ କରିଥିଲେ। ବଲାଙ୍ଗୀର ଜିଲା ତୈଳିକ ବୈଶ୍ୟ ସମାଜ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ରଙ୍କ ସହ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ବିକାଶ ସାହୁ ମଞ୍ଚାସୀନ ଥିଲେ। ଯୁବ ଉଦ୍‌ଘୋଷକ ଜ୍ୟୋତି ପ୍ରକାଶ ସାହୁ ସଭା ସଞ୍ଚାଳନ କରିଥିଲେ। ସଭାରେ ବିଧାୟକ ମିଶ୍ରଙ୍କୁ ସମାଜ ପକ୍ଷରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲେ। ବିଧାୟକ ମିଶ୍ରଙ୍କୁ ବିକାଶ ପୁରୁଷ ଭାବେ ଅଭିହିତ କରି ତାଙ୍କରି ଉଦ୍ୟମ ଏବଂ ନେତୃତ୍ୱରେ ବଲାଙ୍ଗୀରରେ ବିକାଶ କାର୍ଯ୍ୟକ୍ରମ ଜାରି ରହିଛି ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ତେଲି ସମାଜର ରେବତୀକାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ଦେବଦତ୍ତ ସାହୁ, ବିରଞ୍ଚି ସାହୁ, ଆନନ୍ଦ କୁମାର ସାହୁ, ଦୁର୍ଗା ପ୍ରସାଦ ସାହୁ, କୃଷ୍ଣବିହାରୀ ସାହୁ, ରବିନ୍ଦ୍ର ସାହୁ, ଅନୁପ କୁମାର ସାହୁ, ଅର୍ଚ୍ଚନା ସାହୁ, ଦିଲୀପ କୁମାର ସାହୁ, ପରମାନନ୍ଦ ସାହୁ, ପ୍ରଦୀପ କୁମାର ସାହୁ, ରାଜ କିଶୋର ସାହୁ, ହିମାଂଶୁ ସାହୁ, ପ୍ରହ୍ଲାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ତେଲି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ପୁରୁଣାକଟକ ଥାନା ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଚାରିଛକ ଶିବ ମନ୍ଦିର ନିକଟରେ ରବିବାର ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ଦୁଇ ଟ୍ରକର ଚାଳକ ଗୁରୁତର ହୋଇଛନ୍ତି। ଏକ ଚକଲେଟ ବୋଝେଇ ଟ୍ରକ (ନଂ ଓଡି-୦୫ଏଏସ -୮୭୭୯) ନୟାଗଡରୁ ବୌଦ୍ଧ ପଟକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଲୁହା ବୋଝେଇ ଟ୍ରକ (ନଂ ଓଡି୦୭ଏଚ୨୯୭୧) ସହ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଟ୍ରକ ଚାଳକ କୃଷ୍ଣଚନ୍ଦ୍ର ବେହେରା ଓ ରାକେଶ କୁମାର ବେହେରା ଆହତ ହୋଇଛନ୍ତି।

### ସଂକ୍ଷେପରେ

## ନଗଦ ଟଙ୍କା, ବାଇକ୍ ଚୋରି

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୬ ଶାନ୍ତି ନଗରରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍ଥାନୀୟ କିରଣ ଶର୍ମାଙ୍କ ଘର ତାଲା ଭାଙ୍ଗି ନଗଦ ପ୍ରାୟ ୪୦ହଜାର ଟଙ୍କା, ଅନ୍ୟାନ୍ୟ ସାମଗ୍ରୀ ତଥା ଘର ପରିସରରେ ରହିଥିବା ଏକ ବାଇକ୍ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସେହିପରି କିରଣଙ୍କ ଘର ପାଖ ଅନ୍ୟ ଏକ ଗଳିରେ ରହୁଥିବା ଜଣେ ଲୋକଙ୍କ ବାଇକ୍ ମଧ୍ୟ ସେହି ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଏତଲା ପାଇବା ପରେ ପୋଲିସ ତନାଘନା ଆରମ୍ଭ କରିଛି।

# କେନ୍ଦ୍ର ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

## ବୌଦ୍ଧରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

**ବୌଦ୍ଧ,୧୬।୭(ଅଜିତ କୁମାର ବାରିକ)**

କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରବିବାର ଦିନିକିଆ ବୌଦ୍ଧ ଜିଲା ଗସ୍ତ କରିଛନ୍ତି । ଏହି ଅବସରରେ ସହରର ଟାଉନହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରି ତାର ସୁଫଳ ଯେପରି ସେମାନେ ପାଇବେ ସେଥିପାଇଁ ଶୃଙ୍ଖଳିତ ହୋଇ କାମ କରିବା ସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାଛଡା କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ବ୍ରାଣ୍ଡ ଲଗାଉଛନ୍ତି କହି ସମାଲୋଚନା କରିଥିଲେ । ଭାଜପା ଜିଲା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ପ୍ରଭାରୀ ନିରଞ୍ଜନ ମିଶ୍ର, ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ । ସେହିପରି ବାଉଁଶୁଣୀର ଏକ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ସଭାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ରାୟ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇଁ ଚରଣ ଡାଙ୍ଗ, ମୁଣ୍ଡାପଡା ମଣ୍ଡଳ ସଭାପତି ଯୀଶୁ ପ୍ରଧାନ, କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ୨ ନମ୍ବର ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ୪ ନମ୍ବର ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଜିଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର, ନିରଞ୍ଜନ କର୍ଣ୍ଣ, ପଞ୍ଚମନ ଜଗଦଲା, ଜିଲା ସଧାରଣ ସଂପାଦକ ସୁଶାନ୍ତ ବାଘ, କଣ୍ଟାମାଳ ନିର୍ବାଚନମଣ୍ଡଳୀ ପ୍ରଭାରୀ ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।


ବୌଦ୍ଧ ଟାଉନହଲରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଦଳୀୟ ନେତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବିବାଦ ସମାଧାନ

**ଘଣ୍ଟାପଡା,୧୬।୭(ପ୍ରଭାତ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଅନ୍ତର୍ଗତ ରେଘାମୁଣ୍ଡାର ଐତିହ୍ୟ ସମ୍ପନ୍ନ ପର୍ଯ୍ୟଟନସ୍ଥଳୀ ଭାଇବୋହୁ-ଦେଢଶୁର ପାହାଡ଼ ନିକଟସ୍ଥ ବାବା ଗୁପ୍ତେଶର ମନ୍ଦିରର ତତ୍ତ୍ୱାଧିକାରୀ ହେବା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦର ଆପୋଷ ସମାଧାନ ହୋଇଛି । ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ କାହିଁ କେତେ ଦିନରୁ ଲାଗି ରହିଥିଲା। ଏପରି କି ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ଥାନାଠାରୁ ଆରମ୍ଭ କରି କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଏହା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଥିଲା। ବାରମ୍ବାର ଦୁଇଗୋଷ୍ଠୀର ହସ୍ତକ୍ଷେପ ଫଳରେ ପୋଲିସକୁ ୧୪୪ ଧାରା ଜାରି କରିବାକୁ ପଡିଥିଲା । ଶେଷରେ ସାମାଜିକ କର୍ମୀ ତଥା ଆଦିବାସୀ ନେତା ନୀଳାଚଳ ଭୋଇଙ୍କ ହସ୍ତକ୍ଷେପ ଫଳରେ ରବିବାର ଘଣ୍ଟାପଡ଼ା ଥାନା ପରିସରରେ ମାଜିଷ୍ଟ୍ରେଟ କର୍ଣ୍ଣ ମଲିକ ଏବଂ ଘଣ୍ଟାପଡ଼ା ଥାନାଧିକାରୀ ବଳଭଦ୍ର ଗଣ୍ଡାଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉଭୟ ଗୋଷ୍ଠୀର ଲୋକଙ୍କୁ ବୁଝାଶୁଝା କରାଯିବା ପରେ ଏକ ବୁଝାମଣା ପତ୍ରରେ ସମସ୍ତେ ସ୍ୱାକ୍ଷର କରିଥିଲେ। ଏଣିକି ଉଭୟ ପକ୍ଷ ପର୍ଯ୍ୟଟନସ୍ଥଳୀ ପାଇଁ ମିଳିମିଶି କାମ କରିବେ ଏବଂ ଶିବମନ୍ଦିର ପରିସରରେ ନିର୍ମାଣ ସରିଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ ସୋମବାର ଉଭୟ ପକ୍ଷଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଉକ୍ତ ବୈଠକରେ ଉଭୟ ପକ୍ଷର ବେଣୁଧର ରଣା, ମୁରଲୀ ରଣା, ସାଧୁ ରଣା, ରବୀନ୍ଦ୍ର ରଣାଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶେଷରେ ସାମାଜିକ କର୍ମୀ ନିରଞ୍ଜନ ମଲିକ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ମାଜିଷ୍ଟ୍ରେଟ, ଥାନା ଅଧିକାରୀ ଓ ସାମାଜିକ କର୍ମୀ ।

# ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ



ଏକ୍ସପୋଜର ଭିଜିଟରେ କେନଝିରିଆପାଲି ହାଇସ୍କୁଲର ଛାତ୍ରୀମାନେ।

## କେନଝିରିଆପାଲି ହାଇସ୍କୁଲ ଛାତ୍ରୀମାନଙ୍କ ଏକ୍ସପୋଜର ଭିଜିଟ

**ଅମରପାଲି,୧୬।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ହାଇସ୍କୁଲ ଛାତ୍ରୀମାନଙ୍କୁ ନେଇ ଏକ୍ସପିଜର ଭିଜିଟ କରାଯାଇଛି। ସ୍କୁଲର ପ୍ରାୟ ୪୫ଜଣ ଛାତ୍ରୀ ସୋନପୁର ସରକାରୀ ପଲିଟେକନିକ କଲେଜକୁ ଯାଇ ବିଶ୍ୱ ଦକ୍ଷତା ଦିବସ ପାଳନ ଅବସରରେ ହେଉଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ହାଇସ୍କୁଲରୁ ଏକ ବସ୍ ଯୋଗେ ଶିକ୍ଷକ ଗୌରୀଶଙ୍କର ପୂଜାହାରୀ ଓ ଜୀବର୍ଦ୍ଧନ ରଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସୋନପୁର ପଲିଟେକନିକ କଲେଜକୁ ଯାଇଥିଲେ।ପଲିଟେକନିକ କଲେଜ ଅଧ୍ୟକ୍ଷ ଗୌରହରୀ ସାହୁ ସେମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀମାନଙ୍କୁ ଉକ୍ତ ପଲିଟେକନିକର କର୍ମଚାରୀମାନେ ଶିକ୍ଷାଦାନ ପ୍ରକ୍ରିୟା, ୱାର୍କଶପ, ପଦାର୍ଥ ବିଜ୍ଞାନ ବିଭାଗ ସମେତ ରସାୟନ ବିଜ୍ଞାନ ବିଭାଗ, ଇଲେକ୍ଟ୍ରିକାଲ, ମେକାନିକାଲ ବିଭାଗ ଆଦି ଦେଖାଇଥିଲେ। ଏହି ଅବସରରେ ବିଶ୍ୱ ଦକ୍ଷତା ଦିବସ କାର୍ଯ୍ୟକ୍ରମ ପଲିଟେକନିକର ଅଧ୍ୟକ୍ଷ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପିଡିଡିଆରଡିଏ ନିହାର ରଞ୍ଜନ କଅଁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ସାହୁ ନିଜ ବକ୍ତବ୍ୟରେ ଉପସ୍ଥିତ ଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ କରିଥିଲେ। ଏହା ସହିତ ସୁଦକ୍ଷା ଯୋଜନାର ସଫଳ ରୂପାୟନ ବିଷୟରେ ବୁଝାଇଥିଲେ। ଅନୁଷ୍ଠାନର ଗଣିତ ଓ ବିଜ୍ଞାନ ବିଭାଗ ମୁଖ୍ୟ ସାରଦା ନାଏକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ମନୋରଞ୍ଜନ


@ ଶେଷଦେବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅମଲା ଦିବସରେ ଚାରା ରୋପଣ



ଅମଲା ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଜିଲାସ୍ତରୀୟ ମିଳିତ ମଞ୍ଚ ପକ୍ଷରୁ ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସକୁ ଅମଲା ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ନନ୍ଦ କୁମାର ମିଶ୍ରଙ୍କ ଆହ୍ୱାନକ୍ରମେ ବିଭିନ୍ନ କିସମର ୫୦ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ମେହେର, ଲୋକେଶ୍ୱର ସାହୁ, ପ୍ରହଲ୍ଲାଦ ଭେସ୍ରା, ଜ୍ଞାନପ୍ରକାଶ ସାହୁ, ମନୋଜ ମହାପାତ୍ର, ଆର୍ତ୍ତତ୍ରାଣ ମହାପାତ୍ର, ସୁରଞ୍ଜନସାହୁ, ଶିବଶଙ୍କର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।ଏହିଅବସରରେ ଅନୁଷ୍ଠିତ ସଭାରେ ସଂଘର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।

# ରବିଦାସ ସମାଜର ବୈଠକ

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସମତା ଭବନରେ ରବିଦାସ ସମାଜର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ମହେନ୍ଦ୍ର ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କରୁଣାକର ଅଣ୍ଡିଲ ମୁଖ୍ୟଅତିଥି, ଦୁତିଆ ଅଜଗର, ସୀତାରାମ ମେହେର, କଳାକାହ୍ନୁ ମେହେର, ଡୋଲାମଣି ମେହେର, ନୀଳମଣି ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଜିଲାର ବରଗଡ଼, ପାଇକମାଳ, ସୋହେଲା, ଭଟଲି, ଅତାବିରା ଆଦି ବ୍ଲକର କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରିଥିଲେ। ବୈଠକରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେହିପରି ବୈଠକରେ ସମାଜର ବ୍ଲକ ସଂଯୋଜକମାନଙ୍କୁ ମନୋନିତ କରାଯାଇଥିଲା।


ବୈଠକରେ ରବିଦାସ ସମାଜର କାର୍ଯ୍ୟକର୍ତ୍ତାବୃନ୍ଦ।

# ବୌଦ୍ଧ ଜିଲା ଘରୋଇ ବିଦ୍ୟାଳୟର ସଂଘ ବୈଠକ


ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ।

**ବଘିଆପଡା,୧୬।୭( ଶ୍ରୀକାନ୍ତ ସାହୁ)**

ବେସରକାରୀ ବିଦ୍ୟାଳୟ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ବିରୋଧ କରି ଅଲ ଓଡିଶା ବେସରକାରୀ ବିଦ୍ୟାଳୟ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହ ୪ ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ବେସରକାରୀ ବିଦ୍ୟାଳୟ ସଂଘ ସାମିଲ ହୋଇଛି । ଏନେଇ ରବିବାର ଦିନ ବୌଦ୍ଧ ଜିଲା ବେସରକାରୀ ବିଦ୍ୟାଳୟ ସଂଘ ପକ୍ଷରୁ ଏକ ବୈଠକ ବୌଦ୍ଧ ଜାଭିୟର ବିଦ୍ୟାଳୟ ପରିସରରେ ଆବାହକ ବିଶ୍ୱମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦାବି ପୂରଣ ପାଇଁ ଆସନ୍ତା ୨୧ ତାରିଖରେ ଜିଲାର ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାଛଡା ଜିଲା ଘରୋଇ ବିଦ୍ୟାଳୟ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବିଶ୍ୱମୋହନ ମହାନ୍ତି, ଉପସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଏଲ ରାଜକିଶୋର ରାଓ, ସହ ସମ୍ପାଦକ ମଙ୍ଗଳମୟ ରଥ ଓ କୋଷାଧ୍ୟକ୍ଷ ଭାବେ ବିନୟ କରଡିଆ ମନୋନୀତ ହୋଇଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ହେମନ୍ତ କର୍ମୀ, ସୁଜିତ କୁମାର ନାଏକ , ତ୍ରିପୁରାରି ପ୍ରଧାନ, ଦିପକ କୁମାର ମେହେର ମନୋନୀତ ହୋଇଥିଲେ । ବୈଠକରେ ଜିଲାର ସମସ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ସାମିଲ ଥିଲେ।

# ବୃକ୍ଷରୋପଣ ଉପରେ ଗୁରୁତ୍ୱ


ଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଉଛି ।

## ବୌଦ୍ଧ ପଞ୍ଚାୟତ କଲେଜରେ ବନ ମହୋତ୍ସବ ପାଳିତ

**ବୌଦ୍ଧ,୧୬।୭(ଅଜିତ କୁମାର ବାରିକ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ବନ ମହୋତ୍ସବ ରବିବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଦାରଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର ଯୋଗଦେଇ ପ୍ରଥମେ ବୃକ୍ଷ ରୋପଣ କରିବା ସହ ବୃକ୍ଷରୋପଣର ଉପକାରିତା ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗ ଦଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ସମ୍ପାଦକ ପ୍ରବୀର କୁମାର ଦାସ ପରିଚାଳନା କରିଥିଲେ । ଏନସିସି, ଏନଏସଏସ, ଯୁବ ରେଡକ୍ରସ ଓ ଇକୋକ୍ଲବ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ହରିଡା, ବାହାଡା, ଅଁଳା, ଅର୍ଜ୍ଜୁନ, ଜାମୁ ଓ ନିମ ଆଦି ବୃକ୍ଷରୋପଣ କରାଯାଇଥିଲା । ଅଧାପକ ସଦାନନ୍ଦ ମାହର ଓ ଅଧାପିକା ବାସନ୍ତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫାଇଲେରିଆ ନିରାକରଣ ଅଭିଯାନ

**ଅମରପାଲି,୧୬।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଇଲେରିଆ ନିରାକରଣ ଅଭିଯାନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିଡିଏମ ତଥା ପିଏଚଓ ଡା. ଦୈତ୍ୟନାରାୟଣ ପାଢୀ, ଡା.ମନୋଜ କୁମାର ଅଦାବର, ଏଡିପିଏଚଓ ଡା.ରମେଶ ଚନ୍ଦ୍ର ସ୍ୱାଇଁ, ମୁର୍ଷୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଶିବାନନ୍ଦ ଚାଉଲିଆ, ଆୟୁଷ ଡାକ୍ତର ଡା.ପ୍ରଣବ ମହାପାତ୍ର ଏବଂ ଡା.ନିରୂପମା ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ ଗିରିଧାରୀ ସାହୁ ପ୍ରମୁଖ ଯୋଗଦେଇ ଫାଇଲେରିଆ ରୋଗର କାରଣ, ଲକ୍ଷଣ ଓ ନିରାକରଣ ଉପରେ ଉପସ୍ଥିତ ଆଶାକର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଫାଇଲେରିଆ କୀଟାଣୁ ଶରୀରରେ ପ୍ରବେଶ କରିବାର ୧୦ରୁ ୧୫ବର୍ଷ ପରେ ରୋଗର ଲକ୍ଷଣମାନ ଦେଖାଯାଇଥାଏ। ଏହି ରୋଗ ହେଲେ ଜ୍ୱର ଆସିବା, ଦେହ, ହାତ ଘୋଳା ବିନ୍ଧା ହେବା, ଚର୍ମରେ ଲାଲ ଦାଗ ପଡିବା ପର୍ଯ୍ୟାୟକ୍ରମେ ଗୋଡ ହାତ ଫୁଲିବା, ସ୍ତନ ଫୁଲିବା, ଅଣ୍ଡକୋଷ ଫୁଲିବା ଆଦି ଲକ୍ଷଣ ଦେଖା ଦେଇଥାଏ। ଠିକ୍ ସମୟରେ ଚିକିତ୍ସା କରିବା ସହିତ ନିୟମିତ ଔଷଧ ସେବନ କଲେ ଏହି ରୋଗର ନିରାକରଣ ହୋଇପାରିବ ବୋଲି ଉପସ୍ଥିତ ଚିକିତ୍ସକମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପିଏଚଇଓ ସ୍ୱର୍ଣ୍ଣପ୍ରଭା କୁଏଡ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।



ଆଶାକର୍ମୀମାନଙ୍କୁ ଡାକ୍ତରମାନେ ତାଲିମ ଦେଉଛନ୍ତି।

## ଜାତୀୟ ଜ୍ଞାନ କୌଶଳ ଦିବସ ପାଳିତ

**ବଘିଆପଡା,୧୬।୭(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ରବିବାର ଦିନ ଜାତୀୟ ଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ପ୍ରଦର୍ଶିତ କରାଯାଇଥିଲା । କେନ୍ଦ୍ର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଭାଷଣକୁ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଚାଷୀ ଓ ଅନ୍ୟମାନେ ଦେଖିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ତପନ ଦାସଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭା ହୋଇଥିଲା । ଏଥିରେ କୃଷି ଓ କୃଷି କାର୍ଯ୍ୟରେ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀ କିପରି ଲାଭବାନ ହୋଇପାରିବେ ସେନେଇ ପରାମର୍ଶ ଦିଆଯାଇଥିଲା । ଏହାଛଡା କୃଷି ଓ କୃଷି କାର୍ଯ୍ୟରେ ବ୍ୟବହାର ପାଇଁ ନୂତନ ଜ୍ଞାନ କୌଶଳ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୟୂରୀ ସିଂ ସରଦାର, ହରିପ୍ରିୟା ସେଠୀ, ବିକ୍ରମ କେଶରୀ ପାରିମାଣି ପରିଚାଳନା କରିଥିଲେ।

BADRIPRASAD
Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web:: www.bitsambalpur.org / Email : bitechsbp@gmail.com / bcotsbp@gmail.com
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028,
Email : badriprasad.nursing@gmai.com

## ସଂକ୍ଷେପରେ

### ବିପଦ ଅବସ୍ଥାରେ ପୋଲ ସଂଲଗ୍ନ ସୁରକ୍ଷା ବାଡ଼



**ଏମ୍.ରାମପୁର,୧୬।୭(ଶଶିଭୂଷଣ ପ୍ରହରାଜ):** କଳାହାଣ୍ଡି ଜିଲା ଛକିଗୁଡା-ନର୍ଲା-ମ.ରାମପୁର ଯାଇଥିବା ରାଜ୍ୟ ରାଜପଥ ଛକ ମଧରେ ଥିବା ଜାମପଦର ଗ୍ରାମ ନିକଟ ନଦୀ ପୋଲ ସଂଲଗ୍ନ ସୁରକ୍ଷା ବାଡ ଭଗ୍ନ ଅବସ୍ଥାରେ ପଡିରହିଛି। ବିପଦପୂର୍ଣ୍ଣ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି। ନଦୀର ଉଭୟ ପାର୍ଶ୍ୱରେ ରାସ୍ତା ମୋଡ ନେଇ ଥିବାବେଳେ ଉକ୍ତ ପୋଲ ଉପରେ ସଡକ ସୁରକ୍ଷା ବାଡର ମହତ୍ୱ ଅଧିକ ରହିଛି। ଉକ୍ତ ପୋଲର ସଂଲଗ୍ନ ଡାହାଣ ପାର୍ଶ୍ୱ ବାଡ ପାଖାପାଖି ୧୦ ରୁ ୧୫ ମିଟର ଭାଙ୍ଗି ପଡିଛି। ଏହା ପାଖାପାଖି ଏକ ବର୍ଷ ହେବ ଭାଙ୍ଗି ପଡିବା ପରେ ମଧ ତାହାର ପୁନଃ ନିର୍ମାଣ, ମରାମତି କରାଯାଇନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କୁ ଯୋଗାଯୋଗ କରିବାରୁ ସେମାନେ କହନ୍ତି ଏହି ସପ୍ତାହରେ ମରାମତି କାର୍ଯ୍ୟ, ପୁନଃନିର୍ମାଣ କାମ ଆରମ୍ଭ କରାଯିବ। ସେହିପରି ଗଗରବାହାଲି ଜୋର୍ ପୋଲର ଅନତିଦୂରରେ ମୋଡାଣିରେ ଅବସ୍ଥିତ ବକ୍ସେଲ ପୋଲର ସମ୍ପ୍ରସାରଣର ଅତ୍ୟାବଶ୍ୟକତା ଦେଖାଦେଇଛି। ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ତ୍ତ ବିଭାଗ ପାଖରେ ଫୋନ ଯୋଗେ ଦାବି ଉପସ୍ଥାପନ କରାଯାଇଛି।

### ଉପାନ୍ତ ଅଞ୍ଚଳରେ ମିଳିଲା ପିଡିଏସ୍ ସାମଗ୍ରୀ



**କୋକସରା,୧୬।୭(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଉପାନ୍ତ ଖଲିଗଡ଼, ଜାନିପଡା, କଲୋନିପଡା, ଟେମରିଆପଡା, ନୂଆପଡା, ସିନ୍ଧିଭଟାପଡା ଗ୍ରାମର ପିଡିଏସ ହିତାଧିକାରୀମାନଙ୍କୁ ସୁବିଧା ମିଳିଛି। ପୂର୍ବରୁ ପିଡିଏସ ସାମଗ୍ରୀ ପାଇଁ ଜଙ୍ଗଲ ପାହାଡ଼ ଦେଇ ୭ରୁ ୮ କି.ମି. ଯିବାକୁ ପଡୁଥିଲା। ତ୍ରିସ୍ତରୀୟ ନିର୍ବାଚନ ସମୟରେ ସରପଞ୍ଚ ହରିପ୍ରିୟା ନାଗଙ୍କୁ ସ୍ଥାନୀୟ ଲୋକେ ଖଲିଗଡ଼ରେ ଏକ ଗୋଦାମ ଗୃହ ଖୋଲି ପିଡିଏସ ସାମଗ୍ରୀ ବଣ୍ଟନ କରିବାକୁ ଦାବି କରିଥିଲେ। ୧ ବର୍ଷ ପରେ ସରପଞ୍ଚଙ୍କ ଉଦ୍ୟମରେ ଖଲିଗଡ଼ଠାରେ ରବିବାର ପ୍ରଥମ ଥର ପିଡିଏସ ସାମଗ୍ରୀ ପାଇଛନ୍ତି ବନବାସୀ ହିତାଧିକାରୀ। ପିଡିଏସ ବଣ୍ଟନ ଶୁଭାରମ୍ଭରେ ସରପଞ୍ଚ ହରିପ୍ରିୟା ନାଗଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି ଯୋଗଦେଇ ଗୋଦାମ ଗୃହ ନିର୍ମାଣ କରି ହିତାଧିକାରୀଙ୍କୁ ପିଡିଏସ ବଣ୍ଟନ ପାଇଁ ସରପଞ୍ଚଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଖଗେଶ୍ୱର ପାଣିଗ୍ରାହୀ, ମଣିରାମ ବାଣୁଆ, କମଳ ନାଏକ, ଦେବିସିଂ ନାଗ, ବିରେନ୍ଦ୍ର କନ୍ଧ, ଦୁର୍ଯ୍ୟନ ଧ.ମାଝି, ୱାର୍ଡ଼ମେମ୍ବର ବନୁ ମାଝି, ତ୍ରିନାଥ ପୁଝାରି, ପଦ୍ମନ ଚଲାନ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଖଡ଼ିଆଳ,୧୬।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳସ୍ଥିତ କଲ୍ୟାଣ ମଣ୍ଡପ ୨ରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ବିଷୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଶନ ଶକ୍ତି ଓ ପୌର ସଂସ୍ଥା ଅଧକାରୀ ମାନଙ୍କ ପାଇଁ ଏହି ଯୋଜନାରେ କିପରି ଦକ୍ଷତା ବିକାଶ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏ ନେଇ ରାଜ୍ୟରୁ ଏକ ଦଳ ଆସି ପରଦା ମାଧମରେ ମୁକ୍ତା ଯୋଜନାର ଚିତ୍ର ଦେଖାଇ ମୁକ୍ତା ଯୋଜନାରୁ କିପରି ଲାଭ ହୋଇ ପାରିବ ସେ ନେଇ ଆଲୋକପାତ କରିଥିଲେ। ରାଜ୍ୟ ଦଳରେ ସନ୍ତୋଷ ମହାପାତ୍ର, ଉପହାର ବେହେରା, ଖଡ଼ିଆଳ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଉପାଧାକ୍ଷା ଶକୁନ୍ତଳା ରାଉତ, ମୁକ୍ତା ଯୋଜନାର କୋର୍ଡିନେଟର ପଲ୍ଲବୀ ମହାନ୍ତି, ସିଓ ସୁରଭି ପାଣିଗ୍ରାହୀ, ସୁନୀଲ ନାୟକଙ୍କ ସମେତ କାଉନସିଲର ସୁନୀଲ କୁମାର ସାହୁ, ସୁବେର ସିଂଦେଓ, ଚନ୍ଦନ ସାହୁ, ବିନତି ହଂସ, ରାଜାରାଣୀ ପଟ୍ଟନାୟକ, ଲକ୍ଷ୍ମଣ ଦୁରିଆ, ରେବତୀ ଶବର, ଯଶୋଦା ସିନ୍ଦୁର, ସମସ୍ତ ୱାର୍ଡମେମ୍ବରଏବଂ ଖଡ଼ିଆଳର ମହିଳା ଶକ୍ତି ମିଶନର ମା'ମାନେ, ଏସଏଚଜି ଗ୍ରୁପର ମହିଳାମାନେ ଯୋଗଦେଇଥିଲେ।

# ଭାଲୁ ଆକ୍ରମଣରେ ବାପା ମୃତ, ପୁଅ ଗୁରୁତର

**ନୂଆପଡ଼ା,୧୬।୭(ମକାରୁ ବେମାଲ)**

### ଉତ୍ତ୍ୟକ୍ତ ଲୋକଙ୍କ ୫ଘଣ୍ଟା ଏନ୍ଏଚ୍ ଅବରୋଧ

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ କୋନାବିରା ପଞ୍ଚାୟତ ବିରୁନପଦର ଗାଁରେ ରବିବାର ଭାଲୁ ଆକ୍ରମଣରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସେହି ଗାଁର ଘନଶ୍ୟାମ ପଟେଲ (୭୦) ଓ ଆହତ ତାଙ୍କ ପୁଅ ଚଇତୁ ପଟେଲ (୪୦)। କ୍ଷତିପୂରଣ ଏବଂ ଭାଲୁକୁ ଧରି ଅନ୍ୟତ୍ର ଛଡାଯିବାକୁ ଦାବି କରି ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ୩୫୩ ନଂ. ଜାତୀୟ ରାଜପଥ କୋମନା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରିଥିଲେ। ସାମାଜିକ କର୍ମୀ ପ୍ରସନ୍ନ କୁମାର ପାଢୀ, ବୀରେନ୍ଦ୍ର ପ୍ରଧାନ, ଭୁବନେ ନାୟକ ଓ ଅନ୍ୟମାନେ ବୁଝାଇବା ପରେ ଲିଖିତ ପ୍ରତିଶ୍ରୁତି ଦେଲେ ଆମେ ମାନିବୁ ବୋଲି ଆନ୍ଦୋଳନକରୀମାନେ କହିଥିଲେ। ପରେ ଖଡିଆଳ ଡିଏଫଓ ସୁଶୀଲ କୁମାର ତ୍ରିପାଠୀ ପହଞ୍ଚିଥିଲେ। ମୃତକ ପରିବାରଙ୍କୁ ନଗଦ ୬୦ ହଜାର ଟଙ୍କା ଦିଆଯିବା ସହ କାଗଜାତ ସବୁ ଠିକ୍ ହେବା ପରେ ୬ ଲକ୍ଷ ଟଙ୍କା ଦିଆଯିବ। ଆହତଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଓ ପରିବାରର ଜଣଙ୍କୁ ଚାକିରି ଦିଆଯିବ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଭାଲୁକୁ ଧରି ଅନ୍ୟତ୍ର ଛଡ଼ାଯିବ ବୋଲି ଡିଏଫଓ ତ୍ରିପାଠୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଦୀର୍ଘ ୫ ଘଣ୍ଟାରୁ ଅଧିକ ସମୟ ରାସ୍ତା ଅବରୋଧ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ, ବିରୁନପଦର ଗାଁର କେତେଜଣ ଲୋକଙ୍କ ସହ ଘନଶ୍ୟାମ ସକାଳ ୮ଟାରେ ଦାବ୍ରି ମୁଡାକୁ ଗାଧୋଇବା ପାଇଁ ଯାଉଥିଲେ। ଏହି ସମୟରେ ହଠାତ ଏକ ଭାଲୁ ପାଖ ବିଜାଖମନ ଜଙ୍ଗଲରୁ ବାହାରି ଆସି ଘନଶ୍ୟାମଙ୍କୁ ଆକ୍ରମଣ କରିଥିଲା। ସାଙ୍ଗରେ ଥିବା ଲୋକମାନେ ଭୟରେ ଚିତ୍କାର କରି ଗାଁକୁ ଦୌଡି ଆସି ଲୋକଙ୍କୁ କହିଥିଲେ। ବାପାଙ୍କୁ ଭାଲୁ ଆକ୍ରମଣ କରିଥିବା ଶୁଣି ତାଙ୍କ ସାନପୁଅ ଚଇତୁ ଦୌଡି ଆସି ଉଦ୍ଧାର କରିବା ସମୟରେ ତାଙ୍କୁ ଭାଲୁ ଆକ୍ରମଣ କରିଥିଲା। ଗାଁ ଲୋକେ ଠେଙ୍ଗା ବାଡ଼ି ଧରି ଆସି ଭାଲୁକୁ ବହୁ କଷ୍ଟରେ ଜଙ୍ଗଲକୁ ଘଉଡାଇଥିଲେ। ଘନଶ୍ୟାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚଇତୁ ଗୁରୁତର ଆହତ ହୋଇଥିଲେ। ଚଇତୁଙ୍କ ମୁଣ୍ଡ, ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଚଇତୁଙ୍କୁ ଗାଁ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଦାବି ପୂରଣ ନ ହେଲେ, ୧ରୁ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ

**ଭବାନୀପାଟଣା,୧୬।୭(ଉତ୍ତମ କୁମାର ଦାଶ)**

### ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସାଧାରଣ ବୈଠକ

କଳାହାଣ୍ଡି ଜିଲା ଭବାନୀପାଟଣା ଅମଲା ଭବନଠାରେ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ନ୍ୟାୟୋଚିତ ଦାବି ପୂରଣରେ ଅଯଥା କାଳକ୍ଷେପଣ ଓ ପାତରଅନ୍ତର ନ କରି ଆଲୋଚନା ମାଧ୍ୟମରେ ଦାବି ପୂରଣ ନ କଲେ ଆସନ୍ତା ୧ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ଯାଏଁ ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତାମାନେ ସରକାରଙ୍କୁ ଜଣାଇ ଦେଇଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଚାକିରୀରେ ଯୋଗଦେବାର ମୂଳ ଶିକ୍ଷାଗତ ଯୋଗ୍ୟତା ଇଣ୍ଟରମିଡିଏଟ୍ ସାଇନ୍ସ ବଦଳରେ ସାଇନ୍ସ ଡିଗ୍ରୀ ରଖିବା, ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରିବା, ଗ୍ରେଡ୍ ପେ ୨୦୦୦ ଟଙ୍କାରୁ ୪୨୦୦ ଟଙ୍କାକୁ ବୃଦ୍ଧି, ଚାକିରି କାଳ ମଧ୍ୟରେ ସର୍ବନିମ୍ନ ୩ଟି ପଦୋନ୍ନତି ଦେବା ଓ ସର୍ବୋପରି ବହୁ ପ୍ରତୀକ୍ଷିତ କ୍ୟାଡର ପୁନର୍ଗଠନ ପ୍ରଭୃତି ମୁଖ୍ୟ ଦାବି ସମେତ ୬ ବର୍ଷଠିକା ନିଯୁକ୍ତି ସମୟକୁ ମୂଳ ଚାକିରୀରେ ଗଣନା କରି ୬ଟି ନ୍ୟାଶନାଲ ଇଂକ୍ରିମେଣ୍ଟ ପ୍ରଦାନ କରିବା ଆଦି ଦାବିକୁ ନେଇ ରାଜ୍ୟ ସରକାର, କୃଷି ବିଭାଗକୁ ବାରମ୍ବାର ନିବେଦନ କରାଯାଇଛି। କିନ୍ତୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ଯେ, ଦାବି ପୂରଣ ତ ଦୂରର କଥା, ଆଲୋଚନାକୁ ଡାକି ଦାବି ଗୁଡିକର ବୈଧତା ଓ ଯୁକ୍ତିସଂଗତ ଦିଗ ସମ୍ପର୍କରେ ମଧ ଶୁଣି ନାହାନ୍ତି। କୃଷି ଓ କୃଷକମାନଙ୍କ ସେବା ପାଇଁ ନିଷ୍ଠାପର ଭାବରେ ପଞ୍ଚାୟତସ୍ତରରୁ କାମ କରୁଥିବା କୃଷି କର୍ମଚାରୀମାନଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ପଡୁଥିଲା ବେଳେ ସରକାରୀ ଅବହେଳା ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ମନରେ ନୈରାଶ୍ୟ ଓ ହତାଶ ଭାବ ଖେଳାଇ ଦେଇଛି ବୋଲି ଜିଲା ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଜିଲା ସଂଘର ସଭାପତି ଶମ୍ଭୁଦତ୍ତ ନାଏକ, ଉପ ସଭାପତି ଲୋକନାଥ ପାତ୍ର, ସମ୍ପାଦକ ଭାସ୍କର ମାଝି, ସହକାରୀ ସମ୍ପାଦକ ବାସୁଦେବ ସାହୁ, କୋଷାଧ୍ୟକ୍ଷ ଅବିନାଶ ଠାକୁରଙ୍କ ସମେତ ଅଜିତ ସାହୁ, ବିଶ୍ୱ ସାହୁ, ସିମରଞ୍ଜିତ ପଟ୍ଟଯୋଶୀ, ସଞ୍ଜୟ ମୁଣ୍ଡ, ଖଗପତି ଛୁରା, ସୁନିତା ଶର୍ମା,ରୁମନ ନାଏକ ପ୍ରମୁଖ ବିଭିନ୍ନ ବ୍ଲକର ସଭାପତି ଯୋଗଦେଇ ଥିଲେ। ଦାବିଗୁଡିକୁ ସରକାର ତୁରନ୍ତ ବିଚାର ନ କଲେ ସାରା ଜିଲାରେ ଆନ୍ଦୋଳନ ଜୋରଦାର ହେବ ଓ ଏଥିପାଇଁ ସରକାରୀ ଦାୟୀ ରହିବେ ବୋଲି ସେମାନେ ମତପ୍ରକାଶ କରିଥିଲେ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କିତ ଏକ ପତ୍ର ପ୍ରଦାନ କରାଯାଇଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।




ବୈଠକରେ ଉପସ୍ଥିତ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ କର୍ମକର୍ତ୍ତା।

## ମହୁ ଚାଷ ସମ୍ବନ୍ଧରେ ତାଲିମ ଶିବିର

**ଭବାନୀପାଟଣା,୧୬।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତ ଅଫିସର ସଭା ଗୃହରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିକଟସ୍ଥ ଜଗନ୍ନାଥପୁର ଗ୍ରାମର ୧୮ରୁ ୪୫ ବର୍ଷର ୫୨ଜଣ ଯୁବତୀଯୁବକ ଭାଗ ନେଇଥିଲେ। ସେମାନଙ୍କୁ ସିଟିସିର ମାଷ୍ଟର ଟ୍ରେନର ସୁବ୍ରତ କୁମାର ମହନ୍ତ ଓ ପ୍ରତାପ ଚନ୍ଦ୍ର ରାଉଳ ମହୁଚାଷ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଅତିଥି ଭାବେ ମେଦିନୀପୁର ପଞ୍ଚାୟତ ସରପଞ୍ଚ ଗୌରି କୁମାର ମିଶ୍ର ଯୋଗଦେଇ ଯୁବତୀଯୁବକଙ୍କୁ ଡ୍ରେସ କୋଡ ପ୍ରଦାନ କରିଥିଲେ। ୱାର୍ଲଡ଼ ସ୍କିଲ ସେଣ୍ଟର ପରିଦର୍ଶକ ମହେନ୍ଦ୍ର ଲେଙ୍କା ତାଲିମର ତଦାରଖ କରିଥିଲେ। ଶେଷରେ ଭିଓସି ମ୍ୟାନ ଇଣ୍ଡିଆ କୋର୍ଡିନେଟର ବନ୍ଦୋବସ୍ତ ଭୋଇ ତାଲିମ ପ୍ରାପ୍ତ କରିଥିବା ଲେଭଲ ୩ର ପ୍ରମାଣପତ୍ର ସହିତ ଦିନ ପ୍ରତି ୨୫୦ ଟଙ୍କା ଦିଆଯିବା ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ଜଗନ୍ନାଥପୁରର ସାମାଜିକ କର୍ମୀ ଦିପା ଶବର ସାହାଯ୍ୟ କରିଥିଲେ। ୱାର୍ଲଡ଼ ସ୍କିଲ ସେଣ୍ଟର ଓ ସିଟିସି (ସେଣ୍ଟ୍ରାଲ ଟୋଲରୁମ ଟ୍ରେନିଂ ସେଣ୍ଟର) ଆରପିଏଲ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।





@ ମନୋରଞ୍ଜନ



@ ଶେଷଦେବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପୂର୍ବତନ ସରପଞ୍ଚ ଜିଲାପାଳଙ୍କଠାରେ ଅଭିଯୋଗ



କିନେରକେଲା ଗ୍ରାମର କେନ୍ଦୁକଟା ପୋଖରୀ।

**କେସିଙ୍ଗା,୧୬।୭(ତୁମେଶ୍ୱର ସାହୁ)**

### ଠିକ ଭାବେ ପୋଖରୀ ମାଟି କାମ ହୋଇନାହିଁ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ନୂନମାଠ ଗ୍ରାମପଞ୍ଚାୟତ କିନେରକେଲା ଗ୍ରାମର ୧୦ ଏକର ବିଶିଷ୍ଟ କେନ୍ଦୁକଟା (ପୋଖରୀ)ର ଉନ୍ନତୀକରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚଦଶ ରାଜ୍ୟ ଅର୍ଥ କମିଶନରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କାମ ହେଉଛି। ଉକ୍ତ ପୋଖରୀର ପଶ୍ଚିମ ଦିଗରେ ମାଟି ହୁଡା ମଧ ପକାଯାଇଛି। ଏହି ଗାଁରେ ଥିବା ଡ୍ରାଇଭର୍ଶନ ପ୍ରୋଜେକ୍ଟରୁ ୮୦% ଲୋକଙ୍କ ଚାଷ ଜମିରେ ଜଳସେଚନ ହୋଇଥାଏ। କିନ୍ତୁ ଏହି ପ୍ରୋଜେକ୍ଟର ମୁଖ୍ୟ ଗେଟ ବନ୍ଦ କରିଦେଲେ ପାର୍ଶ୍ୱରେ ଥିବା ଜମିରେ ବର୍ଷାପାଣି ଜମି ରହି ଚାଷ ଜମି ନଷ୍ଟ ହେଉଥିବାରୁ ଗ୍ରାମବାସୀଙ୍କ ସମେତ କିରଣ ଚନ୍ଦ୍ର ଭୋଇ ଜିଲାପାଳ ଓ ବିଡିଓଙ୍କୁ ସ୍ଥାୟୀ ସମାଧାନ ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ। ଗତ ଜୁନ ୧୨ରେ ଉକ୍ତ ପୋଖରୀର ଉନ୍ନତୀକରଣ ମାଟି ଖନନ କରିବା ସମୟରେ ଜିଲାପାଳ, ବିଡିଓଙ୍କ ସମେତ ଉକ୍ତ ଗ୍ରାମର ୱାର୍ଡମେମ୍ବର ଓ ଗ୍ରାମବାସୀଙ୍କ ସହମତିକ୍ରମେ ଡ୍ରାଇଭର୍ଶନ ମୁଖ୍ୟ ଗେଟ ନିକଟରେ ଥିବା ଖାଲ ଜମିରେ ମାଟି ପକାଯାଇଛି। ଠିକ ଭାବେ ପୋଖରୀ ମାଟି କାମ ହୋଇନାହିଁ ବୋଲି ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ଭୋଇ ଜିଲାପାଳ, କେସିଙ୍ଗା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ପୋଖରୀର ମାଟି ଖନନ ଓ ହିଡ ଉପରେ ମାଟି ପକାଇଥିବା ମଧ ଜଣାପଡୁଛି। ଏ ନେଇ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ପଚାରିବାରୁ ମୁଁ ଏହାର ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ। କନିଷ୍ଠ ଯନ୍ତ୍ରୀ ସୁବାଷ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ବିଭାଗୀୟ ପକ୍ଷରୁ କାମ କରାଯାଇଛି, ସମସ୍ତ ତଦନ୍ତ ପରେ ବିଚାର କରାଯିବ ବୋଲି ପ୍ରକାଶ କରିଥିଲେ।

# ଅସହାୟଙ୍କ ମୁହଁରେ ହସ ଫୁଟେଇବାକୁ ବ୍ୟାପକ କାର୍ଯ୍ୟକ୍ରମ ହେବ

### ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନର ସାଧାରଣ ବୈଠକ

**ବଲାଙ୍ଗୀର, ୧୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସାଧାରଣ ବୈଠକ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ଅସହାୟଙ୍କ ମୁହଁରେ ହସ ଫୁଟେଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଗଣପର୍ବ ନୂଆଁଖାଇ ପାଇଁ ଭେଟଘାଟ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଅନୁଷ୍ଠାନର ୨୦ଟି ଶାଖାର ସଂଯୋଜକ, ମହିଳା ଶାଖା ଯୋଗଦେଇ ଥିବାବେଳେ ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ସହ ମହିଳା ଶାଖା ଉପଦେଷ୍ଟା ଲିକା ସାହୁ, ସ୍ମରଣିକା କମିଟି ସଂଯୋଜକ ସନ୍ଦୀପ କୁମାର କୁଅଁର, ଉପଦେଷ୍ଟା ଲୋଟସ ଷଡ଼ଙ୍ଗୀ, ରାଜୁ ବାଗ, ଅମରେଶ କ୍ଷେତୀ, ଅହିତ କର୍ଣ୍ଣ, ଶୁଭ୍ରାଂଶୁ ପଣ୍ଡା, ସାଂସ୍କୃତିକ ସଂଯୋଜକ ନବଘନ ଦାସ, ଲଳିତ ପୁଝାରୀ, ସୁବଳ ମହାକୁର, ରଞ୍ଜନ ପଟେଲଙ୍କ ସହ ବହୁ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ମହିଳା ଶାଖା ସଂଯୋଜିକା ରୂପା ଦାସ ଧନ୍ୟବାଦ ଦେଇଥିଲେ।



ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ସାଧାରଣ ବୈଠକରେ ଉପସ୍ଥିତ ସଦସ୍ୟାସଦସ୍ୟ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ

**ଭବାନୀପାଟଣା,୧୬।୭ (ଉତ୍ତମ କୁମାର ଦାଶ)**

### ସ୍ମରଣିକା ପ୍ରଧାନ, ପଲ୍ଲବୀ ଥେଟୁଆର ବିଶ୍ୱବିଦ୍ୟାଳୟ ଟପ୍ପର

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରୀକ୍ଷା ଫଳ ରବିବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ଏଥିରେ ୧୬ଟି ବିଭାଗର ମୋଟ ୩୨୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ଯାହାକି ୮୫.୧୯% ରହିଛି। ପ୍ରଥମ ଶ୍ରେଣୀରେ ୨୬୩ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ୮୮.୫୦%, ବାଣିଜ୍ୟରେ ୪୧.୬୭% ଓ ବିଜ୍ଞାନରେ ୮୮.୮୮% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଇତିହାସ, ଓଡ଼ିଆ, ରାଜନୀତି ବିଜ୍ଞାନ, ସଂସ୍କୃତ, ମାନବ ବିଜ୍ଞାନ ଓ ପ୍ରାଣୀବିଜ୍ଞାନରେ ପରୀକ୍ଷା ଫଳ ଶତପ୍ରତିଶତ ରହିଛି। ଛାତ୍ରୀ ସ୍ମରଣିକା ପ୍ରଧାନ ଓ ପଲ୍ଲବୀ ଥେଟୁଆର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। କଳା ବିଭାଗରେ ବିଶବିଦ୍ୟାଳୟ ପଦ୍ମିନୀ ହରପାଳ, ବାଣିଜ୍ୟରେ ଧନୁର୍ଜୟ ଦୀପ ଓ ତୁଷାର ସିଂହ ଛତ୍ରି ଓ ବିଜ୍ଞାନରେ ଛାତ୍ରୀ ସ୍ମରଣିକା ପ୍ରଧାନ ଓ ପଲ୍ଲବୀ ଥେଟୁଆର ଟପ୍ପର ହୋଇଛନ୍ତି। ମାନବ ଶାସ୍ତ୍ର ବିଷୟରେ ଆଶିଷ ଭୋଇ, ଅର୍ଥ ଶାସ୍ତ୍ରରେ କବିତା ବାଗ, ଶିକ୍ଷାରେ ବବିତା ଭୋଇ, ଇଂଲିଶରେ ସ୍ୱର୍ଣ୍ଣା ମିଶ୍ର, ଭୁଗୋଳରେ ଭାର୍ଗବୀ ନିଆଲ, ଇତିହାସରେ ବିଶାଳ ନାଗ, ଓଡ଼ିଆରେ ଟିଙ୍କି ଭୋଇ, ରାଜନୀତି ବିଜ୍ଞାନରେ ଦୀପକ କୁମାର ଦେବ, ସମାଜ ବିଜ୍ଞାନରେ ହୃଷୀକେଶ ଭଏସାଲ, ବିଜ୍ଞାନ ବିଭାଗର ମାନବ ଶାସ୍ତ୍ରରେ ବର୍ଷାରାନି ସୱାଇଁ, ଉଦ୍ଭିଦ ବିଜ୍ଞାନରେ ବର୍ଷାରାଣୀ ଦେବ, ରସାୟନ ବିଜ୍ଞାନରେ ରୁବିନା ବାରିକ, ପଦାର୍ଥ ବିଜ୍ଞାନରେ ଅନୁଭବ ଚାନ୍ଦ ଓ ପ୍ରାଣୀବିଜ୍ଞାନରେ ମୋନାଲିସା ପାଣି ଟପ୍ପର ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ଯୁବସଂସ୍କାର କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ଦ୍ୱାରା ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏଥିରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ମେଜର ଡକ୍ଟର ଜୟଦେବ ସାହୁ, ସ୍ୱତନ୍ତ୍ର ପରୀକ୍ଷା ନିୟନ୍ତ୍ରକ ଡକ୍ଟର କୈଳାସ ଚନ୍ଦ୍ର ଦାସ, ଉପ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ ଉପସ୍ଥିତ ଥିଲେ। ଏତେ କମ ଦିନରେ ନିର୍ଭୁଲ ଭାବେ ଫଳ ପ୍ରକାଶନରେ ସାହାଯ୍ୟ କରିଥିବାରୁ ପରୀକ୍ଷା ପରିଚାଳନା ବିଭାଗ ସମସ୍ତଙ୍କୁ ଓ ମୂଲ୍ୟାଙ୍କନ କରିଥିବା ଅଧ୍ୟାପକମାନଙ୍କୁ ସାଧୁବାଦ ଜଣାଇଛନ୍ତି କୁଳପତି। ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ମଧ ସେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ବିଶ୍ୱବିଦ୍ୟାଳୟର କୁଳପତି ପରୀକ୍ଷାଫଳ ପ୍ରକାଶ କରୁଛନ୍ତି।

# ବ୍ଲକସ୍ତରୀୟ ଜ୍ୟୋତିର୍ବିଦ୍ ସଭା, ନୂତନ କର୍ମକର୍ତ୍ତା ଚୟନ

**ସିନାପାଲି,୧୬।୭ (ମନଫୁଲ ମେହେର)**

ନୂଆପଡା ଜିଲା ସିନାପାଲି ବ୍ଲକ ସଦର ଯୁଗେନପଦର ଛକ ଗୋଣ୍ଡ ସମାଜ ଭବନରେ ବ୍ଲକସ୍ତରୀୟ ଜ୍ୟୋତିର୍ବିଦ ସଭା ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାରେ ମହେନ୍ଦ୍ର ସୁନାନୀ ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରିଚାଳନା ଜ୍ୟୋତି ପ୍ରକାଶ ସୁପକାର କରିଥିଲେ। ମୁଖ୍ୟଅତିଥି ଭାବେ ତ୍ରିମନ ମାଝି, ମୁଖ୍ୟବକ୍ତା ଭାବେ ଡା ଅର୍ଜୁନ ବାଗ, ସମ୍ମାନିତ ଅତିଥି ଭାବେ ଜ୍ୟୋତିଷ ସମ୍ରାଟ କୃଷ୍ଣଚନ୍ଦ୍ର ବୈଠାରୁ, ଦିନନାଥ ଦୁବେ, ଦେବେନ୍ଦ୍ର ଛତ୍ରିଆ, ପ୍ରମୋଦ ଯୋଶୀ, ଉଗ୍ରସେନ ମାଝି, କ୍ଷିତିରାମ ତାଣ୍ଡି, ହରିହର ମେହେର, ଅଭିରାମ ବାବା, ଦିଗାମ୍ବର ବାଗ, ଅଶୋକ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ନୂତନ ଭାବେ ବ୍ଲକସ୍ତରୀୟ ଜ୍ୟୋତିର୍ବିଦ କମିଟି ଗଠନ କରାଯାଇଛି। ନୂତନ କମିଟି ସଭାପତି ଭାବେ ଉଗ୍ରସେନ ମାଝି, ଉପସଭାପତି ଭାବେ ବନବିହାରୀ ଦାସ, ସମ୍ପାଦକ ଭାବେ ଜ୍ୟାତେି ପ୍ରକାଶ ସୁପକାର, ସହ ସମ୍ପାଦକ ଭାବେ ନାରାୟଣ ସାହୁ, କୋଷାଧ୍ୟକ୍ଷ ଭାବେ ବୈକୁଣ୍ଠ ସାଙ୍କୁ ଚୟନ କରାଯାଇଛି। ସଭାରେ ବ୍ଲକ ଅଞ୍ଚଳର ୧ଶହରୁ ଅଧିକ ଜ୍ୟାତିଷମାନେ ଉପସ୍ଥିତ ଥିଲେ।


BADRIPRASAD Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAPALI, MAJHIPALI CHOWK, PO - SASON, DIST- SAMBALPUR, PIN-768200
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028, Email : badriprasad.nursing@gmail.com

## ସଂକ୍ଷେପରେ

### ଗ୍ରାମ୍ୟ ଜଳଯୋଗାଣ ପାଇପରୁ ବାହାରୁଛି ଗୋଳିଆ ପାଣି



**କୁତ୍ରା,୧୬।୭(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ବିଶୁଦ୍ଧ ପାଣି ବଦଳରେ ପାଇପରେ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳୁଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କୁତ୍ରା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ କରି ପାଣି ଦିଆଯାଉଛି। କିନ୍ତୁ ଗତ ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜଳଯୋଗାଣ ପାଇପ ଫାଟିଛି। ଫଳରେ ପାଣି ଯୋଗାଣ ସମୟରେ ବହୁ ପରିମାଣର ଜଳ ନଷ୍ଟ ହେଉଛି। ରବିବାର ବର୍ଷା ହେବା ଫଳରେ ପାଇପରେ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଛି। ପାଇପ ଫାଟିଥିବାରୁ ଗୋଳିଆ ପାଣି ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି । ପାଇପ ଫାଟିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ବିଭାଗ ଚେତୁନାହିଁ। ଫଳରେ ଲୋକଙ୍କୁ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ବୈଦୁର୍ଯ୍ୟ ବନ୍ଧୁକିଙ୍କୁ ପଚାରିବାରେ ଠିକାଦାର ଅନ୍ୟ କାମରେ ନିୟୋଜିତ ଅଛନ୍ତି । ଯଥାଶୀଘ୍ର ମରାମତି କାମ କରିବାକୁ ଉଦ୍ୟମ କରାଯାଉଥିବା କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ବର୍ଷା ଋତୁରେ ନଳକୂପଗୁଡିକରେ ବ୍ଲିଚିଂ ପାଉଡର ପକାଇବା ଜରୁରୀ ହୋଇପଡିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପାଇପ ମରାମତି କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

### ଲଗାଣ ବର୍ଷା: ଜୀବନ ଯାତ୍ରା ବ୍ୟାହତ

**ଲହୁଣୀପଡା,୧୬।୭(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଅଞ୍ଚଳରେ ଦୁଇଦିନ ଧରି ଲଗାଣ ବର୍ଷା ହେବା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡିଛି। ଲଗାଣ ବର୍ଷାରେ ଗ୍ରାମାଞ୍ଚଳରେ ଥିବା ରାସ୍ତାଘାଟରେ ପାଣି ଚାଲିଥିଲା। କେତେକ ଗ୍ରାମରେ ମାଟିରାସ୍ତା କାଦୁଅ ପଚପଚ ହୋଇ ଯାଇଥିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଶନିବାର ରାତିରୁ ରବିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଅବିଶ୍ରାନ୍ତ ବର୍ଷା ହୋଇଥିଲା । ଫଳରେ ଲୋକେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇଥିଲା। କଲେଇପୋଷ ପଞ୍ଚାୟତର କଜଳା ଓ ଥେଣ୍ଟେଇପୋଷ ଗ୍ରାମ ମୁଖ୍ୟଭାଗରେ ଥିବା ନାଳ ସିଧା ବ୍ରାହ୍ମଣୀ ନଦୀରେ ମିଶିଛି। ଥେଣ୍ଟେଇପୋଷ କଜଳାକୁ ସଂଯୋଗ କରିବା ପାଇଁ ଥେଣ୍ଟେଇପୋଷ ଗ୍ରାମର ନାଳ ଉପରେ ଥିବା ପୋଲ ଉପରେ ପ୍ରବଳ ବେଗରେ ପାଣି ଚାଲିବା ଦ୍ୱାରା ଲୋକମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିଭଳି ୨୧୫ ନମ୍ବର ଜାତୀୟ ରାଜପଥର ଲମସି ଛକଠାରୁ କରିଆଡ଼ିହି ଗ୍ରାମ ଦେଇ ୧୪୩ ନମ୍ବର ଜାତୀୟ ରାଜପଥର ସାଲେଇପାଲି ଛକରେ ମିଶିଥିବା ରାସ୍ତାର କରିଆଡିହି ଦେଇ ଯାଇଥିବା କୁରାଡି ନାଳରେ ବଢି ପାଣି ଆସିବା ଦ୍ୱାରା ରାସ୍ତା ଉପରେ ପାଣି ଚାଲିଥିଲା। କିନ୍ତୁ ଅପରାହ୍ନ ୨ଟା ପରେ ନାଳରୁ ପାଣି କମିଯିବା ଫଳରେ ଲୋକମାନେ ଯାତାୟାତ କରିଥିଲେ। ବିଭିନ୍ନ ନାଳରେ ପାଣି ଭରି ଯାଇଥିବା ବେଳେ ଚାଷଜମି ଜଳାର୍ଣ୍ଣବ ହୋଇପଡିଛି।

### ଆଉଟ ସୋର୍ସିଂ କର୍ମଚାରୀ ସଂଘର ସ୍ମାରକପତ୍ର ପ୍ରଦାନ

**ଦେବଗଡ,୧୬।୭(ଶଶାଙ୍କ ଶେଖର ଝାଙ୍କର):** ସ୍ଥାୟୀ ନିଯୁକ୍ତି ସମେତ ୧୦ଦଫା ଦାବିରେ ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘ ଦେବଗଡ ଶାଖା ପକ୍ଷରୁ ରବିବାର ୫ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବଡବଗିଚା ସମ୍ମୁଖସ୍ଥ ୫ଟି ସଚିବଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘ ଦେବଗଡ ଶାଖା ସଭାପତି ହେମନ୍ତ କୁମାର ନାୟକ, ସାଧାରଣ ସମ୍ପାଦିକା ପୁଷ୍ପାଞ୍ଜଳି ଦାଶ, କୋଷାଧକ୍ଷ ବ୍ୟୋମକେଶ ଶତପଥୀ, ଉପଦେଷ୍ଟା କମଳିନୀ ରଥ, କଲ୍ୟାଣ କିଶୋର କର, ସୁବାସ ସ୍ୱାଇଁ, ସୁବ୍ରତ ସାହୁ, ଚିନ୍ମୟ କୁମାର ସାହୁ, ମନୋରଞ୍ଜନ ଟାଲି, ଅଜିତ କୁମାର ପ୍ରଧାନ, ତୋଫାନ କୁମାର ନାୟକ ଓ ରାଜେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଣ୍ଡିୟାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଅସୁରକ୍ଷିତ ଛାତ ତଳେ ଦେଶର ଭବିଷ୍ୟତ

**ଟେନସା,୧୬।୭(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଲଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତୋଡା ଗୀର୍ଜା ଟୋଲା ରେ ଥିବା ଅଙ୍ଗନବାଡି କେନ୍ଦ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି । ଏହି ଅଙ୍ଗନବାଡି କେନ୍ଦ୍ର ଏବେ ଅସୁରକ୍ଷିତ ହୋଇପଡିଛି। ଛାତ ଭାଙ୍ଗିରୁଜି ଗଲାଣି। ଅସରାଏ ବର୍ଷା ହେଲେ ଅତଡା ଖସିବା ସହ ଛାତରୁ ଗଳୁଛି ପାଣି। ଫଳରେ ବର୍ଷାଦିନେ ଶିଶୁମାନେ ବସିବା ସମ୍ଭବ ହେଉନାହିଁ। ଏହାଛଡା ଛାତରୁ ପଲସ୍ତରା ଖସି କେତେବେଳେ ଯେ ଅଘଟଣ ଘଟିବ କହି ହେଉନାହିଁ। ଏ ସମ୍ପର୍କରେ ଅଙ୍ଗନବାଡି କର୍ମୀ ମାଇନି ଟପ୍ପୋଙ୍କୁ ପଚାରିବାରେ ବାରମ୍ବାର ଏ



ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନବାଡି କେନ୍ଦ୍ର।

ବିଷୟରେ ସୁପରଭାଇଜର ଓ ସିଡିପିଓଙ୍କୁ ଅବଗତ କରାଯାଇ ଆସୁଛି। ହେଲେ କୌଣସି ସୁଫଳ ମିଳିନାହିଁ। ଶିଶୁଙ୍କ ଜୀବନ ପ୍ରତି କାହାରି ନିଘା ଥିବା ପରି ମନେ ହେଉନାହିଁ। ଏନେଇ କୋଇଡା ବ୍ଲକ ଚେୟାରମ୍ୟାନ ସୁରେଶ ନାଏକଙ୍କୁ ପଚାରିବାରେ ସେଠାରେ ଜାଗା ନ ଥିବାରୁ ଘର ହୋଇ ପାରୁନାହିଁ। ଖୁବଶୀଘ୍ର ନୂଆ ଘର ତିଆରି ହେବ। ହେଲେ ଖଣି ଅଞ୍ଚଳରେ ଜିଲା ଖଣିଜ ପାଣ୍ଠି ଥାଇ ଅସୁରକ୍ଷିତ ଛାତ ତଳେ ଦେଶର ଭବିଷ୍ୟତ ଅସୁରକ୍ଷିତ ରହିବା ବିଡମ୍ବନାର ବିଷୟ। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ସୂଚନାଯୋଗ୍ୟ, ୫-ଟି ଅଧୀନରେ ଚାଲିଥିବା ରୂପାନ୍ତରିତ କାର୍ଯ୍ୟ ହେଉ ଅବା ବିଶ୍ୱସ୍ତରୀୟ ଷ୍ଟାଡିୟମ ଅସରାଏ ବର୍ଷା ସମସ୍ତ କାମର ମାନ କିପରି ତାହା ପଦାରେ ପକାଇ ଦେଉଛି। ବିଭିନ୍ନ ସରକାରୀ କାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି, ହେଲେ ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ଦୁର୍ନୀତିର ଗନ୍ଧ ସବୁଠି ବାରି ହୋଇପଡୁଛି ।

# ବିବାଦ ଘେରରେ ପ୍ରାଥମିକ ଶିକ୍ଷକ ପଦୋନ୍ନତି

**ସୁନ୍ଦରଗଡ,୧୬।୭ (ଜୟନାରାୟଣ ମେଣ୍ଡୁଲି)**

**ନିଜ ଚିଠି ପ୍ରତ୍ୟାହାର କଲେ ଶିକ୍ଷା ନିର୍ଦ୍ଦେଶକ**

ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ଦେବା ନେଇ ସର୍ବଦା ବିବାଦ ଲାଗି ରହିଛି। କେତେବେଳେ ସିଟି ଓ ଇଟିଙ୍କୁ ନେଇ ତ କେତେବେଳେ ସରକାରୀ ଓ ବେସରକାରୀଙ୍କୁ ନେଇ। ଆଉ କେତେବେଳେ ସିଟି,ବିଇଡିଙ୍କୁ ନେଇ ଦେଖାଦେଉଛି। ବରିଷ୍ଠତା ଓ ଯୋଗ୍ୟତାକୁ ସମ୍ମାନ ଜଣାଇ ବହୁ ବିଚାର ବିମର୍ଷ ପରେ ଗତ ୮।୩।୨୦୧୯ରେ ରାଜ୍ୟ ସରକାର ଏଲିମେଣ୍ଟାରୀ କ୍ୟାଡରରେ ସଂଶୋଧନ କରିବା ପରେ ନିର୍ବିଘ୍ନରେ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ପଦୋନ୍ନତି ଦିଆଚାଲିଥିବା ବେଳେ ହଠାତ୍ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଗତ ୬।୫।୨୦୨୩ରେ ଏକ ଆଦେଶନାମା ଜାରି କରି ପ୍ରଥମ ନିଯୁକ୍ତି ପରେ ଯେଉଁମାନେ ଗ୍ରାଜୁଏଟ ହୋଇଥିବେ ସେମାନଙ୍କୁ ଓଟିଇଟି ପାସ୍ କରିବା ପରେ ଯାଇ କେଟେଗୋରି-୨ରେ ସ୍ଥାନିତ କରାଯିବ ଏବଂ ଓଟିଇଟି ପାସ୍ ଦିନଠାରୁ ସେମାନଙ୍କ ବରିଷ୍ଠତା ଗଣନା କରାଯିବ ବୋଲି ନିର୍ଦ୍ଦେଶକ ଉଲ୍ଲେଖ କଲେ। ଯାହାକୁ ନେଇ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀମାନେ ପଦୋନ୍ନତି ତାଲିକା ପ୍ରସ୍ତୁତ କରିବା କଷ୍ଟକର ହୋଇପଡିଲା। ଯେଉଁମାନେ ତାଲିକା ପ୍ରସ୍ତୁତ କରି ନିର୍ଦ୍ଦେଶକଙ୍କ ଅନୁମୋଦନକ୍ରମେ ପଦୋନ୍ନତି ଦେବା ସହିତ ଆଉ କେତେକ ପଦୋନ୍ନତି ଉପକ୍ରମ ମଧ୍ୟ ଆରମ୍ଭ କରି ଦେଇଥିଲେ। ଏହାପରେ ଏନେଇ ଅନେକ ଶିକ୍ଷକଙ୍କ ପକ୍ଷରୁ ମଧ୍ୟ ହାଇକୋର୍ଟରେ ମାମଲା ଦାୟର ହେଲା। ଏହାପରେ ଉକ୍ତ ନ୍ୟାୟାଳୟ ମଧ୍ୟ ନିର୍ଦ୍ଦେଶକ ଙ୍କ ଚିଠି ନମ୍ବର ୧୦୬୮୬/ତା୬।୫।୨୦୨୩କୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସ୍ଥଗିତାଦେଶ ଦେଲେ। ପରିଶେଷରେ ବର୍ତ୍ତମାନ ଶିକ୍ଷା ନିର୍ଦ୍ଦେଶକ ନିଜ ଚିଠିକୁ ନିଜେ ଚିଠି ନମ୍ବର ୧୫୯୪୦/ତା୧୫।୭।୨୦୨୩ ଯୋଗେ ପୂର୍ବ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ନେଇଛନ୍ତି। ଅପରପକ୍ଷରେ ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଯେ, ସୁନ୍ଦରଗଡ ଜିଲା ଶିକ୍ଷା ବିଭାଗ ଏ କ୍ଷେତ୍ରରେ ସତର୍କତାର ସହ ସମସ୍ତ ତଥ୍ୟ ସଂଗ୍ରହ କରି ଅପେକ୍ଷା କରିଥିଲା। ବର୍ତ୍ତମାନ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଚଳିତ ମାସ ଶେଷ ସୁଦ୍ଧା ପଦୋନ୍ନତି ଦେବ ବୋଲି ଜିଲା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଆଶାବ୍ୟକ୍ତ କରିଛନ୍ତି।

# ୫ଟି ସଚିବଙ୍କୁ ଜିଲା ନାଗରିକ କମିଟିର ଦାବିପତ୍ର ପ୍ରଦାନ

**ଦେବଗଡ,୧୬।୭ (ଶଶାଙ୍କ ଶେଖର ଝାଙ୍କର)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଦେବଗଡ ଗସ୍ତ ଅବସରରେ ଜିଲା ନାଗରିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ୫ଟି ସଚିବ ପାଣ୍ଡିଆନ ସ୍ଥାନୀୟ ବଡବଗିଚା ସମ୍ମୁଖସ୍ଥ ପଡିଆରେ ଜନସାଧାରଣଙ୍କଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ। ଏହି ସମୟରେ ଜିଲା ନାଗରିକ କମିଟି ପକ୍ଷରୁ ସୁଧିର କୁମାର କପରଦାର, ଲକ୍ଷ୍ମଣ କୁମାର ପ୍ରଧାନ ଓ ସୁନୀଲ କୁମାର କପରଦାରଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ୧୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

ତାଳଚେର-ବିମଳାଗଡ ରେଳ ଲାଇନ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା, ଜିଲାରେ ପର୍ଯ୍ୟାପ୍ତ ପରିମାଣର ଆମ୍ବ, ଲିଚୁ, କମଳା ଓ ତରଭୁଜ ଆଦି ଉତ୍ପାଦନ ହେଉଥିବାରୁ ବାରକୋଟ ବ୍ଲକର ବିଦେଇବଡକୁଦର ଗ୍ରାମରେ ଏକ ବୃହତ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ପାଇଁ ରାଜ୍ୟ ସରକାର ୨୦୧୭ ମସିହାରେ କେନ୍ଦ୍ର ସରକାରଙ୍କୁ ପଠାଇଥିବା ପ୍ରସ୍ତାବ ଖାରଜ ହୋଇଯାଇଥିବାରୁ ଏଥିପାଇଁ ଆଉଥରେ ପ୍ରସ୍ତାବ ପଠାଇବା, ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ କୁରଡକୋଟରେ ରୋଷେଇ ଘର, ଆଲୋକୀକରଣ ବ୍ୟବସ୍ଥା ସହ ପାନ୍ଥ ନିବାସ ନିର୍ମାଣ ଦାବି କରାଯାଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରୁ ୨୦୦୮ ମସିହାରେ ଶିଳାନ୍ୟାଶ କରାଯାଇଥିବା ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଗ୍ୟାଲେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ରେଙ୍ଗାଲବେଡା ଗ୍ରାମରେ ସ୍ଥାପିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ, କୃଷି ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ ରଖିବା ପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜିଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଶୀତଳ ଭଣ୍ଡାର ସ୍ଥାପନ, ଜିଲାରେ ଅନେକ ପ୍ରାକୃତିକ ଜଳ ଉତ୍ସ ରହିଥିବାରୁ ଏଗୁଡିକରେ ଚେକଡ୍ୟାମ ନିର୍ମାଣ କରି ଚାଷୀମାନଙ୍କୁ ଜଳସେଚନର ସୁବିଧା ଯୋଗାଣ ଓ ଦେବଗଡ ମହାବିଦ୍ୟାଳୟରେ ୨୦୦ଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣ ଆଦି ଦାବି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ।

# ୫ଟି ସଚିବଙ୍କୁ ବିରୋଧ, କଳାପତାକା ପ୍ରଦର୍ଶନ ଉଦ୍ୟମ



ଗସ୍ତକୁ ବିରୋଧ କରି ଭାଜପା ପକ୍ଷରୁ କଳାକୁର୍ତ୍ତା ପିନ୍ଧି ଶୋଭାଯାତ୍ରା କରାଯାଉଛି।

**ଦେବଗଡ,୧୬।୭(ଶଶାଙ୍କ ଶେଖର ଝାଙ୍କର)**

**ବିଧାୟକ, ଭାଜପା ଜିଲା ସଭାପତିଙ୍କ ସମେତ ବହୁ ନେତା, କର୍ମୀ ଅଟକ**

୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ରବିବାର ଦେବଗଡ ଗସ୍ତକୁ ଦୃଢ ବିରୋଧ କରାଯାଇଥିଲା। ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବହୁ ଭାଜପା ନେତା ଓ କର୍ମୀ କଳାକୁର୍ତ୍ତା ପରିଧାନ କରିବା ସହ କଳା ପତାକା ଧରି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକ, ଘରୋଇ ବସ୍‌ଷ୍ଟାଣ୍ଡ, ସଭାଗୋଲି ଛକ ଓ ମୁଖ୍ୟ ଡାକଘର ଛକ ଦେଇ ବଡ ବଗିଚାସ୍ଥିତ ସଭାସ୍ଥଳ ଅଭିମୁଖେ ଅଗ୍ରସର ହେଉଥିଲେ। ତେବେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ରଥ ପୋଲିସ ଫୋର୍ସ ସହିତ ସେମାନଙ୍କୁ ବଡବଗିଚା ଛକଠାରେ ଅଟକାଇବା ସହ ଥାନାକୁ ଉଠାଇ ନେଇଥିଲେ। ଏହି ଶୋଭାଯାତ୍ରାରେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ରଞ୍ଜିତ ପଟେଲ, ରମଣୀ ରଞ୍ଜନ ଆଚାର୍ଯ୍ୟ ଜିଲା ଉପସଭାପତି ଭାରତ ଭୂଷଣ ପ୍ରଧାନ, ବିରଞ୍ଚି ବେହେରା ରାଜେନ୍ଦ୍ର ଆଚାର୍ଯ୍ୟ ଓ ହରମୋହନ ପାଣି, ଅକାଲୁ ଧଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ଭୋଲେସର ବେହେରା, ଓ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସାମିଲ ଥିଲେ। ଅନ୍ୟ ପକ୍ଷରେ ୫ଟି ସଚିବ ପାଣ୍ଡିୟାନ ହେଲିକପ୍ଟର ଯୋଗେ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ପହଞ୍ଚି କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାର ଯୋଗେ ବଡବଗିଚାସ୍ଥିତ ସଭାସ୍ଥଳକୁ ଯାଉଥିବା ବେଳେ କେତେକ ଭାଜପା କର୍ମୀ ରାଧାକୃଷ୍ଣ ମନ୍ଦିର ଛକଠାରେ ତାଙ୍କୁ କଳାପତାକା ପ୍ରଦର୍ଶନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ସେମାନଙ୍କୁ ମଧ୍ୟ କାବୁ କରି ନେଇଥିଲା। ପରେ ସେମାନଙ୍କୁ ପୋଲିସ ଥାନାରୁ ଛାଡି ଦେଇଛି।

# କଲେଜ ଛାତ୍ରୀଛାତ୍ରଙ୍କ ସହ କଲେ ଆଲୋଚନା

**ଦେବଗଡ,୧୬।୭(ଶଶାଙ୍କ ଶେଖର ଝଙ୍କାର)**

- ୫ଟି ସଚିବଙ୍କ ୨ଦିନିଆ ଦେବଗଡ ଜିଲା ଗସ୍ତ
- ଜନସାଧାରଣଙ୍କଠାରୁ ଗ୍ରହଣ କଲେ ଦାବିପତ୍ର
- ପ୍ରଧାନପାଟ ଜଳପ୍ରପାତର ରୂପାନ୍ତରଣ ପ୍ରତିଶ୍ରୁତି

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ ରବିବାର ଦେବଗଡ ଜିଲା ଗସ୍ତରେ ଆସି କଲେଜ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ସଫଳତାର ମନ୍ତ୍ର ଫୁଙ୍କିଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନର ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ପକ୍ଷରେ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ଜଳପ୍ରପାତର ଶୋଭାକୁ ଉପଭୋଗ କରିବା ସହ ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନପାଟେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ।

୫ଟି ସଚିବ ଅପରାହ୍ନରେ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ପହଞ୍ଚିବା ପରେ ବଡ ବଗିଚାସ୍ଥିତ ସଭାସ୍ଥଳକୁ ଯାଇଥିଲେ। ସେଠାରେ ପହଞ୍ଚିବା କ୍ଷଣି ତାଙ୍କୁ ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ତଥା ଜନସାଧାରଣ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଞ୍ଚରେ ୫ଟି ସଚିବ କଲେଜ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଖୋଲା ଆଲୋଚନା


୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସଭାରେ ଉପସ୍ଥିତ ଛାତ୍ରୀଛାତ୍ର।

କରିଥିଲେ। ଏଥିସହ ଜୀବନରେ କିଭଳି ସଫଳତା ହାସଲ କରିହେବ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସେ ଜିଲାର ସମସ୍ତ ୧୯ଟି କଲେଜକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ୧୦ କୋଟି ୨୫ ଲକ୍ଷ ଟଙ୍କାରେ ଏଗୁଡିକର ରୂପାନ୍ତରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସ୍ମାର୍ଟ କ୍ଲାସରୁମ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ କରାଯାଇ ଉନ୍ନତମାନର ଶିକ୍ଷାଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ ସେ ପ୍ରଧାନପାଟ ଜଳ ପ୍ରପାତକୁ ଯାଇ ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନପାଟେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବଡ ବଗିଚା ସମ୍ମୁଖରେ ଆୟୋଜିତ ଜନ ଶୁଣାଣୀ ଶିବିରରେ ଯୋଗଦେଇ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଦାବିପତ୍ର ଗ୍ରହଣ କରିବା ସହ ଅବିଳମ୍ବେ ଏଗୁଡିକର ସମାଧାନ ହେବ ବୋଲି କହିଥିଲେ। ବିଶେଷ ଭାବେ ମନ୍ଦିର, ମସ୍‌ଜିଦ ଆଦି ସମେତ ସମସ୍ତ ଧର୍ମାନୁଷ୍ଠାନର ବିକାଶ ଓ କମ୍ୟୁନିଟି ସେଣ୍ଟର ସମ୍ପର୍କିତ ଦାବିଗୁଡିକୁ ଆଗାମୀ ୭ ଦିନ ମଧ୍ୟରେ ପୂରଣ କରାଯିବ ବୋଲି କହିଥିଲେ। ଚାଷୀଙ୍କ ଚାଷ ଜମିକୁ ଜଳ ଓ ପାନୀୟ ଜଳ ପ୍ରକଳ୍ପକୁ ମଧ୍ୟ ଅଗ୍ରାଧିକାର ଦିଆଯିବ ବୋଲି ଏହି ଅବସରରେ ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ସେ ପ୍ରଧାନପାଟ ଜଳପ୍ରପାତର ରୂପାନ୍ତରଣ ମୁଖ୍ୟମନ୍ତ୍ରୀ କରିବେ ବୋଲି କହିଥିଲେ। ରବିବାର ମଧ୍ୟ ୫ଟି ସଚିବଙ୍କ ଜିଲାରେ ନାନାବିଧ କାର୍ଯ୍ୟକ୍ରମ ରହିଛି। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର.ଭିନିଲକ୍ରିଷ୍ଣା, ଆରଡିସି ସୁରେଶ ଚନ୍ଦ୍ର ଦଳେଇ, ଡିଆଇଜି ବ୍ରିଜେଶ ରାୟ, ଦେବଗଡ ଜିଲାପାଳ ସୋମେଶ ଉପାଧ୍ୟାୟ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ସାମିଲ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ମନୋରଞ୍ଜନ


@ ଶେଷଦେବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଶାଣି ସଫା କଲେ ପଡ଼ାବାସୀ


ଯୁବକମାନେ ମଶାଣି ସଫା କରୁଛନ୍ତି ।

**ବଡ଼ଗାଁ,୧୬।୭(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଲିଟିପଡାର ଯୁବକ ଓ ସାମାଜିକ କର୍ମୀମାନେ ରବିବାର ସଫେଇ ନଦୀକୁ ଯିବା ରାସ୍ତାପାର୍ଶ୍ୱରେ ଥିବା ମଶାଣି ସଫେଇ କରିଛନ୍ତି। ଏଥିସହିତ ସେଠାରେ ଥିବା ଗଛଗୁଡ଼ିକର ଯତ୍ନ ନେଇଥିଲେ। ପୂର୍ବାହ୍ନରେ ଡେଲକି ଖଡିଆ ସମାଜ କର୍ମକର୍ତ୍ତା ସୁରେନ ବାଗ, ପ୍ରଶାନ୍ତ ମାଝି ଓ ପ୍ରକାଶ ମାଝିଙ୍କ ସମେତ ଲବ ବାଗେ, ରାଜା ହାଁସଦା,କିରନ ହାଁସଦା, ରାଜେଶ ହାଁସଦା, ଗୋପୀ ହାଁସଦା, ସାଗର ସାମାଟ, ରଞ୍ଜିତ ମଏଲ ପ୍ରମୁଖ ମଶାଣିରେ ବଢ଼ିଯାଇଥିବା ଅନାବନା ବୁଦାଗୁଡିକୁ ସଫା କରିଥିବା ଦେଖିବାକୁ ମିଳିଛି। ସେମାନଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ପଦମପୁରରେ ସ୍ୱାସ୍ଥ୍ୟ ଶିବିର


ପଦମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟ ଶିବିର।

**କୁଆଁରମୁଣ୍ଡା,୧୬।୭ (ମହେନ୍ଦ୍ର କୁମାର ସାହୁ)**

ରବିବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଦମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି । ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ଶାଖା ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ଆଇଏମ୍‌ଏ, ରାଉରକେଲା ଶାଖା ସଭାପତି ଡା.ସଞ୍ଜୟ କୁମାର ରୟ, ପଶ୍ଚିମାଞ୍ଚଳ ଉପସଭାପତି ଡା.ସମୀର କୁମାର ପାତ୍ର, ସମ୍ପାଦକ ଡା.ଦୁର୍ଗେଶ କୁମାର ସା ଓ ପଦମପୁର ସରପଞ୍ଚ ଦିଲୀପ ଏକ୍କା ଉଦ୍‌ଘାଟନ କରିଥିଲେ। ଶିବିରରେ ୧୨୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ,ଚଷମା ଆଦି ପ୍ରଦାନ କରାଯାଇଛି । ଦିନ ତମାମ ବର୍ଷା ସତ୍ତ୍ୱେ ଶିବିରରେ ରୋଗୀଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଆସନ୍ତା ମାସର ପ୍ରଥମ ସପ୍ତାହରେ ବିଶ୍ରା ବ୍ଲକର ବାଙ୍ଗୁରକେଲାରେ ପୁଣି ଏକ ଶିବିର ଅନୁଷ୍ଠିତ ହେବ ବୋଲି ଆଇଏମ୍‌ଏ,ରାଉରକେଲା ଶାଖା ସଭାପତି ରୟ ସୂଚନା ଦେଇଛନ୍ତି । ପଦମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ କୁଆଁରମୁଣ୍ଡା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

BADRIPRASAD
Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD
Institute of Medical Science
SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web: www.bitsambalpur.org / Email : bitechsbp@gmail.com / bcotsbp@gmail.com
BADRIPRASAD
College of Nursing
BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028,
Email : badriprasad.nursing@gmai.com

